ଆଜି - ଶନିବାର
ତାରିଖ - ୧୮ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୦୨
ତିଥି - ପଂଚମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ପୂର୍ବାଫାଲ୍‌ଗୁନୀ, ସିଂହ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୧: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି



ରଥେ ତୁ ବାମନମ୍ ଦୃଷ୍ଟ୍ୱା ପୁନଃଜନ୍ମ ନ ଲଭତେ

E-News : www.Ajikali epaper.com

Vol.- 41 ISSUE- 95 R.N.I. REGD. No. 44026/86 ବାଲେଶ୍ୱର ୧୮ ଜୁଲାଇ ୨୦୨୬ ଶନିବାର BALASORE 18 JULY 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

# ଶରଧାବାଲିରେ ତିନି ରଥ

## ଆଜି ଚତୁର୍ଦ୍ଧାମୂରତିଙ୍କ ଆଡ଼ପ ମଣ୍ଡପ ବିଜେ



ପୁରୀ: ସରିଲା ଦ୍ୱିତୀୟ ଦିନର ରଥଟଣା । ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ଲାଗିଲା ତିନି ରଥ ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଂଚିଥିବାବେଳେ ପଛେପଛେ ଉଭଣୀ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଲାଗିଥିଲା । ଶେଷରେ ହଟିଆ ଠାକୁରଙ୍କ ନନ୍ଦିଘୋଷ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଂଚିଛି । 'ଜୟ ଜଗନ୍ନାଥ', 'ହରିବୋଲ' ଓ ହୁଳହୁଳିର ଧ୍ୱନିରେ ଭକ୍ତିମୟ ହୋଇ ଉଠିଛି ଶ୍ରୀକ୍ଷେତ୍ର । ଦର୍ଶନ ପାଇଁ ଶରଧାବାଲିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି ।ଭକ୍ତମାନେ ଏବେ ରଥ ଉପରେ ଚତୁର୍ଦ୍ଧାମୂର୍ତିଙ୍କ ଅପରୂପ ଦୃଶ୍ୟ ଦେଖି ବିମୋହିତ ହୋଇପଡୁଛନ୍ତି । କହି ରଖୁଛୁ କି, ଗୁରୁବାର ନିର୍ଦ୍ଧାରିତ ନୀତିନିର୍ଘଂଟର ୧ ଘଂଟା ବିଳମ୍ବରେ ରଥଟଣା ଆରମ୍ଭ ହୋଇଥିଲା । ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆନନ୍ଦ ଓ ଉତ୍ସାହର ସହ ତିନିରଥକୁ ଟାଣି ନେଇଥିଲେ ଭକ୍ତ । ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଦେବୀସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣା ହୋଇଥିଲା ତେବେ ସନ୍ଧ୍ୟାହୋଇ ଯିବାରୁ କୌଣସି ରଥ ଶରଧାବାଲିରେ ପହଁ ପାରିନଥିଲା । ମାର୍କେଟ ଛକ ନିକଟରେ ତାଳଧ୍ୱଜ ଓ ମରିଚୀକୋଟ ଛକ ନିକଟରେ ଦର୍ପଦଳନ ରଥ ପହଂଚିବା ବେଳେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ କିଛି ବାଟ ଗଡ଼ି ଅଟକି ରହିଥିଲା । ଶୁକ୍ରବାର ପୂର୍ବାହ୍ନ ୯ଟା୩୦ରେ ପୁଣି ରଥଟଣା ହୋଇଥିଲା । ଏବଂ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା । ଆନନ୍ଦ ଉଲ୍ଲାସର ସହ ଭକ୍ତମାନେ ରଣକୁ ଟାଣିଥିବାବେଳ ଗୁଣ୍ଡିଚା ମନ୍ଦିର ନିକଟରେ ପହଂଚାଇଛନ୍ତି । ଅବଶେଷରେ ଭକ୍ତଙ୍କ ଅପେକ୍ଷାର ଅନ୍ତ ଘଟାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଗଡ଼ିବା ଆରମ୍ଭ କରିଥିଲା । କାଲି ମାତ୍ର ଦୁଇ ହାତ ଗଡ଼ି ଅଟକିରହିଥିଲା ନନ୍ଦିଘୋଷ । ଘଂଟଘଂଟା ନାଦରେ ଫାଟିପଡୁଛି ବଡ଼ଦାଣ୍ଡ । ଲୋକାରଣ୍ୟ ଶ୍ରୀକ୍ଷେତ୍ର ମାଟି । ସିଂହଦ୍ୱାର ନିକଟରୁ ଗଡ଼ିଲା ହଟିଆଠାକୁରଙ୍କ ରଥ । ଗତକାଲି ଗୁମୁଟ ପାଖରୁ ରଥକୁ ଆସିବାକୁ ଦୁଇ ଘଂଟାରୁ ଉର୍ଦ୍ଧ୍ୱ ଲଗାଇ ସମୟ ଲଗାଇଥିଲେ ସେହି ଅଚଳମେରୁ । ହେଲେ ଆଜି ଅଟେ ନ ହୋଇ ଯଥା ସମୟରେ ପହଂଚିଛନ୍ତି ମହାବାହୁ । ତେବେ ଆଜି ଆଡ଼ପବିଜେ ନୀତି ହେବନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତାକାଲି ମହାପ୍ରଭୁଙ୍କ ଆଡ଼ପ ବିଜେ ନୀତି ଅନୁଷ୍ଠିତ ହେବ ।

## ୭ ଦିନିଆ ମୋଲଡୋଭା, ଉତର ମାସିଡୋନିଆ ଏବଂ ରୋମାନିଆକୁ ଗସ୍ତରେ ଯିବେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁଲାଇ ୧୯ ରୁ ୨୫ ପର୍ଯ୍ୟନ୍ତ ମୋଲଡୋଭା, ଉତର ମାସିଡୋନିଆ ଏବଂ ରୋମାନିଆକୁ ସରକାରୀ ଗସ୍ତରେ ଯିବେ । ଏହି ଗସ୍ତ ସମୟରେ ସେ ତିନି ଦେଶର ଶୀର୍ଷ ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ବିଭିନ୍ନ କ୍ଷେତ୍ରରେ ବାଣିଜ୍ୟ, ନିବେଶ ଏବଂ ସହଯୋଗ ବୃଦ୍ଧି ଉପରେ ଆଲୋଚନା କରିବେ । ବୈଦେଶିକ ମନ୍ତ୍ରଣାଳୟ ଶୁକ୍ରବାର ଦିନ କହିଛି ଯେ ରାଷ୍ଟ୍ରପତି ମାୟା ସାନ୍ଦୁଙ୍କ ନିମନ୍ତ୍ରଣ କ୍ରମେ ରାଷ୍ଟ୍ରପତି ମୁର୍ମୁ ଜୁଲାଇ ୨୦ ରେ ମୋଲଡୋଭା ପହଂଚିବେ । ମୋଲଡୋଭାକୁ କୌଣସି ଭାରତୀୟ ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଗସ୍ତ ହେବ । ଏହି ଗସ୍ତ ସମୟରେ ରାଷ୍ଟ୍ରପତି ତାଙ୍କ ପ୍ରତିପକ୍ଷ ମାଇଆ ସାଣ୍ଡୁଙ୍କ ସହ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନା କରିବେ । ସେ ମୋଲଡୋଭା ସଂସଦର ବାଚସ୍ପତି ଇଗୋର ଗ୍ରୋସୁଙ୍କୁ ମଧ୍ୟ ଭେଟିବେ । ରାଷ୍ଟ୍ରପତି ମୋଲଡୋଭା-ଭାରତ ସଂସଦୀୟ ବନ୍ଧୁତ୍ୱ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଭାବ ବିନିମୟ କରିବେ । ଏହା ବ୍ୟତୀତ ସେ ଭାରତ-ମଲଡୋଭା ବ୍ୟବସାୟିକ ମଂଚକୁ ସମ୍ବୋଧିତ କରିବେ ଏବଂ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଭେଟିବେ । ମନ୍ତ୍ରଣାଳୟ ଅନୁଯାୟୀ, ଭାରତ ଏବଂ ମୋଲଡୋଭା ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଏକ ବ୍ୟାପକ ଭାଗିଦାରୀ ସ୍ତରକୁ ଉନ୍ନୀତ କରିବା ଦିଗରେ ଏହି ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । କୃଷି, ସ୍ୱାସ୍ଥ୍ୟ ଏବଂ ଔଷଧ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଶିକ୍ଷା ଭଳି କ୍ଷେତ୍ରରେ ସହଯୋଗର ବ୍ୟାପକ ସମ୍ଭାବନା ରହିଛି । ରାଷ୍ଟ୍ରପତି ଗୋର୍ଡାନା ସିଲଜାନୋଭସ୍କା-ଡାଭକୋଭାଙ୍କ ନିମନ୍ତ୍ରଣ କ୍ରମେ ରାଷ୍ଟ୍ରପତି ମୁର୍ମୁ ଜୁଲାଇ ୨୧ରୁ ୨୨ ତାରିଖ ମଧ୍ୟରେ ଉତର ମାସିଡୋନିଆକୁ ସରକାରୀ ଗସ୍ତରେ ଯିବେ । ଏହା ମଧ୍ୟ ଉତର ମାସିଡୋନିଆକୁ କୌଣସି ଭାରତୀୟ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ ହେବ । ତାଙ୍କ ରହଣି ସମୟରେ ସେ ରାଷ୍ଟ୍ରପତି ଗୋର୍ଡାନା ସିଲଜାନୋଭସ୍କା-ଡାଭକୋଭା, ପ୍ରଧାନମନ୍ତ୍ରୀ ହ୍ରିସ୍ତିଜାନ ମିକୋସ୍କି ଏବଂ ବିଧାନସଭାର ବାଚସ୍ପତିଙ୍କୁ ଭେଟିବେ ଏବଂ ଉତର ମାସିଡୋନିଆର ବିଧାନସଭାକୁ ସମ୍ବୋଧିତ କରିବେ । ସେ ଭାରତ-ଉତର ମାସିଡୋନିଆ ବ୍ୟବସାୟିକ ମଂଚରେ ମଧ୍ୟ ଅଂଶଗ୍ରହଣ କରିବେ ।

## ହରିୟାଣାର ଜିନ୍ଦାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ







### ଦେଶର ପ୍ରଥମ ହାଇଡ୍ରୋଜେନ୍ - ଚାଳିତ ଟ୍ରେନ୍‌ର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ହରିୟାଣାର ଜିନ୍ଦରେ ପ୍ରାୟ ୧୪,୭୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ସ୍ଥାନରେ ପହଂଚିବା ପରେ ଗଭୀର ଆନନ୍ଦ ପ୍ରକାଶ କରି ପ୍ରଧାନମନ୍ତ୍ରୀ ଶକ୍ତିପୀଠ ମାତା ଜୟନ୍ତୀ ଦ୍ୱାରା ଅନନ୍ୟ ଭାବରେ ଆଶୀର୍ବାଦପ୍ରାପ୍ତ ଏହି ଅଂଚଳର ସମୃଦ୍ଧ ଐତିହାସିକ, ସାମରିକ ଏବଂ ଆଧ୍ୟାତ୍ମିକ ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଦଶନ୍ଧି ପୂର୍ବେ ସଂଗଠନ ଦାୟିତ୍ୱ ପାଇଁ ସହରକୁ ତାଙ୍କର ପ୍ରାରମ୍ଭିକ ଗସ୍ତକୁ ମନେ ପକାଇ, ତାଙ୍କୁ ମିଳିଥିବା ଅବିସ୍ମରଣୀୟ ସ୍ନେହକୁ ସେ ସ୍ମରଣ କରିଥିଲେ, ଯାହା ସ୍ଥାନୀୟ ଖାଦ୍ୟ ସାମଗ୍ରୀ ଯେପରିକି ମୁରାହ ମଇଁଷି ଡାଏରୀ, ଦେଶୀ ବୁରା ଏବଂ ଘେଓ୍ୱର ସହିତ ଆନ୍ତରିକ ଭାବରେ ଜଡିତ ବୋଲି କହିଥିଲେ । ଶ୍ରୀ ମୋଦୀ କହିଥିଲେ, 'ଏହା କୌଣସି ସାଧାରଣ ଭୂମି ନୁହେଁ; ଏହା ଇତିହାସ, ବୀରତ୍ୱ, ବିଶ୍ୱାସ ଏବଂ ଅପାର ଗର୍ବର ଏକ ମହାନ ଭୂମି ।' ଏହି ଅଂଚଳର ନାଟକୀୟ ଭାବରେ ପରିବର୍ତ୍ତିତ ବିକାଶମୂଳକ ଦୃଶ୍ୟପଟ୍ଟ ଏବଂ କାଳଜୟୀ ସ୍ଥାନୀୟ ସ୍ୱାଦ ମଧ୍ୟରେ ରହିଥିବା ବିପରୀତ ବୈଶିଷ୍ଟ୍ୟକୁ ଦର୍ଶାଇ ପ୍ରଧାନମନ୍ତ୍ରୀ ସହରକୁ ସୁଶାସନ ମଡେଲର ଏକ ଉଜ୍ଜ୍ୱଳ ପ୍ରତିଫଳନ ଭାବରେ ସ୍ଥାନିତ କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ସମଗ୍ର ରାଜ୍ୟ ଗତ କିଛି ବର୍ଷ ମଧ୍ୟରେ ପ୍ରଗତି ପାଇଁ ଏକ ନୂତନ ପଥ ଦେଇ ଦୃଢ଼ ଭାବରେ ଆଗକୁ ବଢ଼ିଛି ଏବଂ ଆଜିର ଘଟଣାଗୁଡ଼ିକ ଏହି ମିଶନକୁ ନୂତନ, ତ୍ୱରିତ ଗତି ପ୍ରଦାନ କରୁଛି । ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ, 'ଆଜିର ଘଟଣା ସରକାରଙ୍କ ଏହି ମିଶନରେ ନୂତନ ଶକ୍ତି ସଂଚାର କରୁଛି ।' ଏହି ଅଂଚଳର ନାମ ବର୍ତ୍ତମାନ ଇତିହାସରେ ସବୁଦିନ ପାଇଁ ଲିପିବଦ୍ଧ ହୋଇସାରିଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଗର୍ବର ସହିତ ଦେଶର ପ୍ରଥମ ହାଇଡ୍ରୋଜେନ-ଚାଳିତ ଟ୍ରେନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଥିଲେ । ବନ୍ଧେ ଏବଂ ଥାନେ ମଧ୍ୟରେ ଐତିହାସିକ ଉଦଘାଟନୀ ଟ୍ରେନ ଯାତ୍ରାକୁ ଉଲ୍ଲେଖ କରି ସେ କହିଥିଲେ ଯେ ଯେତେବେଳେ ବି ଉନ୍ନତ ସବୁଜ ଗତିଶୀଳତା ବିଷୟରେ ଆଲୋଚନା କରାଯିବ ।

### ଅଳ୍ପରେ ଖବର

⏩ କଡ଼ା ସୁରକ୍ଷା ମଧ୍ୟରେ ଶୁକ୍ରବାର ଅମରନାଥ ଯାତ୍ରା ୪,୬୦୦ ରୁ ଅଧିକ ତୀର୍ଥଯାତ୍ରୀଙ୍କ ଏକ ନୂତନ ଦଳ ଭଗବତୀ ନଗର ଯାତ୍ରୀ ନିବାସ ବେସ୍ କ୍ୟାମ୍ପରୁ ଦକ୍ଷିଣ କାଶ୍ମୀର ହିମାଳୟର ଗୁମ୍ଫା ମନ୍ଦିରର ଦୁଇଟି ବେସ୍ କ୍ୟାମ୍ପକୁ ପ୍ରସ୍ଥାନ କରିଛି ।

⏩ ହରିୟାଣାର ଜିନ୍ଦରୁ ଆରମ୍ଭ ହୋଇଥିବା ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ ପ୍ରଥମଥର ଚଲାଇବାର ସୌଭାଗ୍ୟ ଲୋକୋ ପାଇଲଟ ରାଜେଶ କୁମାର ଏବଂ ସହାୟକ ଲୋକୋ ପାଇଲଟ୍ ଗଗନଦୀପ ସିଂହଙ୍କୁ ମିଳିଥିଲା ।

## ଷ୍ଟେଟ୍ ସ୍ପେସିଆଲ ସେଲ୍ ଗଠନ ପାଇଁ ପ୍ରସ୍ତାବ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଷ୍ଟେଟ୍ ସ୍ପେସିଆଲ ସେଲ୍ ଗଠନ ପାଇଁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶାରେ ବୃହତ୍ ଭିତିଭୂମି ପ୍ରକଳ୍ପର ଯୋଜନା ପ୍ରସ୍ତୁତିଠାରୁ ଆରମ୍ଭ କରି ଡିପିଆର୍ ପ୍ରସ୍ତୁତି, ବୈଷୟିକ ଯାଂଚ, ଡିଜାଇନ୍, ଗୁଣବତା ନିରୀକ୍ଷଣ, ପ୍ରଶିକ୍ଷଣ ଓ ଗବେଷଣାକୁ ଏକ ଛାତ ତଳେ ଆଣିବା ପାଇଁ ରାଜ୍ୟ ସରକାର 'ଷ୍ଟେଟ୍ ସ୍ପେଶାଲ ସେଲ୍ ଗଠନ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରସ୍ତାବ ପରେ ରାଜ୍ୟ ପ୍ରଶାସନ ଏଦିଗରେ ଆଗକୁ ବଢ଼ିଛି । ଶନିବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୮ ମାର୍ଚ୍ଚ ୨୦୨୬ରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପାଖକୁ ଏନେଇ ଏକ କନ୍‌ସେପ୍ଟ ନୋଟ୍ ପଠାଇ ପ୍ରସ୍ତାବ ରଖିଥିଲେ । ଏହି ସେଲ୍ ଗଠନ ପାଇଁ ପ୍ରଥମ ପ୍ରସ୍ତାବ ଦିଆଯାଇଥିଲା । ପରେ ଏହାର କନ୍‌ସେପ୍ଟ ନୋଟ୍ ପ୍ରସ୍ତୁତ କରାଯାଇ ବିଭିନ୍ନ ବିଭାଗର ମତାମତ ଗ୍ରହଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ତାଙ୍କ ପ୍ରସ୍ତାବରେ ଉଲ୍ଲେଖ କରିଥିଲେ ଯେ, ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ହାସଲ ପାଇଁ ଆଗାମୀ ବର୍ଷଗୁଡ଼ିକରେ ପରିବହନ, ସହରୀ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତି ଓ ଶିଳ୍ପ କ୍ଷେତ୍ରରେ ବୃହତ୍ ଭିତିଭୂମି ପ୍ରକଳ୍ପ ହାତକୁ ନିଆଯିବ । କିନ୍ତୁ ବର୍ତମାନ ବିଭିନ୍ନ ବିଭାଗ ପୃଥକ୍ ପୃଥକ୍ ପରାମର୍ଶଦାତାଙ୍କ ମାଧ୍ୟମରେ ଡିପିଆର୍ ପ୍ରସ୍ତୁତ କରୁଥିବାରୁ ଡିଜାଇନ୍, ବ୍ୟୟ ଆକଳନ, ବୈଷୟିକ ମାନଦଣ୍ଡ ଓ ଯୋଜନା ପ୍ରଣାଳୀରେ ଅସମାନତା ଦେଖାଦେଉଛି । ଏହା ଯୋଗୁଁ ପ୍ରକଳ୍ପ ବିଳମ୍ବ, ବ୍ୟୟ ବୃଦ୍ଧି ଓ ଗୁଣବତା ସମସ୍ୟା ସୃଷ୍ଟି ହେଉଥିବା ଦସ୍ତାବିଜରେ ଉଲ୍ଲେଖ ରହିଛି । ଏହି ସମସ୍ୟାର ସମାଧାନ ପାଇଁ ଗଠନ ହେବାକୁ ଥିବା ଷ୍ଟେଟ୍ ସ୍ପେଶାଲ ସେଲ୍ ଏକ କେନ୍ଦ୍ରୀୟ ବୈଷୟିକ ସଂସ୍ଥା ଭାବେ କାର୍ଯ୍ୟ କରିବ । ଏହା ପ୍ରମୁଖ ଭିତିଭୂମି ପ୍ରକଳ୍ପର ଯୋଜନା, ଡିପିଆର୍ ପ୍ରସ୍ତୁତି ଓ ଯାଂଚ, ଡିଜାଇନ୍ ମୂଲ୍ୟାଙ୍କନ, ବ୍ୟୟ ଯୁକ୍ତିସଙ୍ଗତକରଣ, ନିର୍ମାଣ ଗୁଣବତା ନିଶ୍ଚିତକରଣ ଓ ପ୍ରକଳ୍ପ ନିରୀକ୍ଷଣ କରିବ । ଏହାସହ ସମସ୍ତ ବିଭାଗ ପାଇଁ ସମାନ ଡିପିଆର୍ ଫର୍ମାଟ୍, ଡିଜାଇନ୍ ମାନଦଣ୍ଡ, କଷ୍ଟିଂ ପଦ୍ଧତି, ଷ୍ଟାଣ୍ଡାର୍ଡ ଟେମ୍ପ୍ଲେଟ୍, ରେଟ୍ ବ୍ୟାଙ୍କ ଓ ପ୍ରଯୁକ୍ତିଗତ ନିର୍ଦ୍ଦେଶିକା ପ୍ରସ୍ତୁତ କରାଯିବ । ଏଥିରେ ଏନ୍‌ଭିଜନିଂ (ଦୀର୍ଘମିଆଦି ଭିତିଭୂମି ପରିକଳ୍ପନା ୱିଙ୍ଗ୍), ପ୍ଲାନିଂ ଆଣ୍ଡ ମନିଟରିଂ ୱିଙ୍ଗ୍, ଆର୍କିଟେକ୍ଚରାଲ୍ ୱିଙ୍ଗ୍, ଡିପିଆର୍ ପ୍ରସ୍ତୁତି ଓ ସମୀକ୍ଷା ୱିଙ୍ଗ୍, ଷ୍ଟ୍ରକ୍ଚରାଲ୍ ଡିଜାଇନ୍ ୱିଙ୍ଗ୍, ଟ୍ରେନିଂ ୱିଙ୍ଗ୍ ଏବଂ ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ ୱିଙ୍ଗ୍ ଭଳି ସ୍ୱତନ୍ତ୍ର ଶାଖା ରହିବ । ଏହି ସେଲ୍‌ରେ କୃତ୍ରିମ ବୁଦ୍ଧିମତା (ଇଓ, ବିଲ୍ଡିଂ ଇନଫର୍ମେସନ୍ ମଡେଲିଂ , ଜିଆଇଏସ୍, ଡିଜିଟାଲ୍ ଟ୍ୱିନ୍, ଡ୍ରୋନ୍ ସର୍ଭେ, ଡିଜିଟାଲ୍ ସିମୁଲେସନ୍ ଓ ଆଧୁନିକ ଇଞ୍ଜିନିୟରିଂ ପ୍ରଯୁକ୍ତିର ବ୍ୟବହାର କରାଯିବ ।

## ପାଂଚ ବର୍ଷ ମଧ୍ୟରେ ଦେଶର ସ୍ୱାସ୍ଥ୍ୟ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ୭୫,୦୦୦ ମେଡ଼ିକାଲ ସିଟ୍ ବୃଦ୍ଧି କରାଯିବ: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



ଚଣ୍ଡିଗଡ : କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି ଯେ ଭାରତ ବର୍ତମାନ ବିଶ୍ୱର ସେହି ଦେଶମାନଙ୍କ ମଧ୍ୟରେ ରହିଛି ଯେଉଁଠାରେ ସର୍ବାଧିକ ସଂଖ୍ୟକ ଡାକ୍ତର ଏବଂ ଡାକ୍ତରୀ ପେସାଦାର ପ୍ରସ୍ତୁତ ହେଉଛନ୍ତି । ଏଥିପାଇଁ ଆଗାମୀ ପାଂଚ ବର୍ଷ ମଧ୍ୟରେ ଦେଶର ସ୍ୱାସ୍ଥ୍ୟ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ୟୁଜି ଏବଂ ପିଜି ଶ୍ରେଣୀ ପାଇଁ ୭୫ ହଜାର ସିଟ୍ ବୃଦ୍ଧି କରାଯିବ । ପ୍ରଥମ ପର୍ଯ୍ୟାୟରେ ୨୫ ହଜାର ଆସନ ବୃଦ୍ଧି କରାଯାଇଛି, ଯେଉଁଥିପାଇଁ ଆଗାମୀ ସମୟରେ ଦେଶବାସୀଙ୍କୁ ଡାକ୍ତର ଏବଂ ଡାକ୍ତରୀ ପେସାଦାର ମିଳିବେ । ଶୁକ୍ରବାର ଦିନ ଚଣ୍ଡିଗଡ଼ରେ ପ୍ରାୟ ୪୭୦୦ କୋଟି ଟଙ୍କା ମୂଲ୍ୟର ସ୍ୱାସ୍ଥ୍ୟ ଏବଂ ଭିତିଭୂମି ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାନ ସମାରୋହକୁ ସମ୍ବୋଧିତ କରୁଥିଲେ ଜେ. ପି. ନଡ୍ଡା । ନଡ୍ଡା କହିଥିଲେ ଯେ ୨୦୧୭ରେ ପ୍ରସ୍ତୁତ ହୋଇଥିବା ସ୍ୱାସ୍ଥ୍ୟ ନୀତିରେ ଦେଶର ଶେଷ ବ୍ୟକ୍ତିଙ୍କର ଯତ୍ନ ନିଆଯାଇଛି । ଏହା ପୂର୍ବ ସ୍ୱାସ୍ଥ୍ୟ ନୀତି ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା, ଏହାର ଏକ ଭିନ୍ନ ଦୃଷ୍ଟିକୋଣ ଥିଲା । ଏହା ଏକ ବ୍ୟାପକ ଏବଂ ସମାବେଶୀ ସ୍ୱାସ୍ଥ୍ୟ ନୀତି ଥିଲା । ଏହାର ଉଦ୍ଦେଶ୍ୟ କେବଳ ରୋଗୀମାନଙ୍କର ଚିକିତ୍ସା କରିବା ନୁହେଁ, ବରଂ ରୋଗକୁ ରୋକିବା ମଧ୍ୟ ଥିଲା । ସେ କହିଥିଲେ ଯେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଶ ଅଭୂତପୂର୍ବ ପ୍ରଗତି କରିଛି । ଆଜି ଦେଶରେ ୧ ଲକ୍ଷ ୮୫ ହଜାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଚାଲୁଛି । ଏହି ଦେଶରେ ପୂର୍ବରୁ ୩୮୭ଟି ମେଡ଼ିକାଲ କଲେଜ ଥିବାବେଳେ ଆଜି ୧ ଲକ୍ଷ ୩୮ ହଜାର ସ୍ନାତକ ଆସନ ସହିତ ୮୧୮ଟି ମେଡ଼ିକାଲ କଲେଜ ଚାଲୁଛି । ଆଜି, ଦେଶରେ ୨୩ ରୁ ଅଧିକ ଏମ୍ସ କାର୍ଯ୍ୟ କରୁଛି । ଆୟୁଷ୍ମାନ ଭାରତ ଯୋଜନା ଆଜି ବିଶ୍ୱର ସର୍ବବୃହତ ଚିକିତ୍ସା କଭରେଜ୍ ଯୋଜନା ବୋଲି ପ୍ରମାଣିତ ହୋଇଛି, ଯାହା ମାଧ୍ୟମରେ ୯୦ କୋଟି ଦେଶବାସୀଙ୍କୁ ଆୟୁଷ୍ମାନ କାର୍ଡ ଦିଆଯାଇଛି ।



# ଅନୁଷ୍ଠିତ ହେଲା ବାଲେଶ୍ୱର ଜିଲ୍ଲା ପରିଷଦର ନବମ ବୈଠକ

ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଜନକଲ୍ୟାଣମୂଳକ ଯୋଜନାର ସମୀକ୍ଷା ପାଇଁ ଷଷ୍ଠ ଜିଲ୍ଲା ପରିଷଦର ନବମ ବୈଠକ ଆଜି ପୂର୍ବାହ୍ନ ୧୦.୩୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ ।ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ, ଚାଲିଥିବା ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ଏବଂ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଭିତିଭୂମି ବିକାଶ, ଶିକ୍ଷା, କୃଷି ଓ ସମାଜ ମଙ୍ଗଳ ଭଳି ଜନହିତକର ପ୍ରସଙ୍ଗଗୁଡ଼ିକୁ ପ୍ରାଥମିକତା ଦିଆଯାଇଥିଲା ।





ଏହି ବୈଠକରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଶ୍ରୀ ପଦ୍ମଲୋଚନ ପଣ୍ଡା, ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ଶ୍ରୀ ମାନସ କୁମାର ଦତ, ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ଭୋଗରାଇ ବିଧାୟକ ଶ୍ରୀ ଗୌତମ ବୁଦ୍ଧ ଦାସ, ଉପ ସଭାପତି ଶ୍ରୀମତୀ ଅନୁସୂୟା ପ୍ରଧାନ ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ମଂଚାସୀନ ଥିଲେ । ଭଦ୍ରକ ସାଂସଦଙ୍କ ପ୍ରତିନିଧି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା, ସୋରୋ ବିଧାୟକଙ୍କ ପ୍ରତିନିଧି ଶ୍ରୀ ଅଶ୍ୱିନୀ ମହାପାତ୍ର ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ରାଉତ ମଧ ଉପସ୍ଥିତ ଥିଲେ ।ଏତଦ୍ ବ୍ୟତୀତ ଜିଲ୍ଲାର ସମସ୍ତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।ବୈଠକରେ ଉପସ୍ଥିତ ଜନ ପ୍ରତିନିଧିମାନେ ନିଜ ନିଜ ଅଂଚଳର ସ୍ଥାନୀୟ ସମସ୍ୟା, ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଏବଂ ଲୋକଙ୍କ ଦାବି ସମ୍ପର୍କରେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ଏବଂ ଯୋଜନାଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦିଆଯାଇଛି । ସଭାପତି ଶ୍ରୀ ନାରାୟଣ ପ୍ରଧାନ କହିଥିଲେ ଯେ ଜନସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ, ବିକାଶ କାର୍ଯ୍ୟରେ ଗତି ଆଣିବା ଏବଂ ସମନ୍ୱିତ ପ୍ରୟାସ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରିବା ଆମର ମୁଖ୍ୟ ଲକ୍ଷ୍ୟ ।

# ଆନ୍ତର୍ଜାତିକ ନ୍ୟାୟ ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.)ଫକୀର ମୋହନ ସ୍ୱୟଂ ଶାଡିତ କଲେଜ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀକ ନ୍ୟାୟ ଦିବସ ପାଳିତ ହୋଇଛି. ଆଜି ପୀର୍ବାହ୍ନ ରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିରଞ୍ଜନ ନାୟକ ଙ୍କ ଅଧ୍ୟକ୍ଷତା ରେ ଏକ ରାଜ୍ୟ ସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି. ଭାରତର ନ୍ୟାୟ ପାଳିକା ତଥା ସୁପ୍ରିମ କୋର୍ଟ ର ଭୂମିକା ଶୀର୍ଷକ ଆଲୋଚନା ସଭାରେ ଅବସର ପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ବିଧାନ ରେ ସୁପ୍ରିମ କୋର୍ଟ ର କ୍ଷମତା, ଭୂମିକା ଓ କାର୍ଯ୍ୟ କଳାପ ବିଷୟରେ ଆଲୋଚ ନା କରିଥିଲେ.ସମ୍ମାନିତ ଅତିଥି ଭାବରେ କବି ପ୍ରଶାନ୍ତ ଦାସ ଦେଶ ଓ ନାଗରିକ ମାନଙ୍କ କଲ୍ୟାଣ ପାଇଁ ନ୍ୟାୟ ପାଳିକାସର୍ବଦା ସଚେତନ ରହି ଏକ ସୁସ୍ଥ ସମାଜ ପାଇଁ ଦାୟିତ୍ୱ ତୁଲାଇବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେମିନାର ଦାୟିତ୍ୱ ରେ ଥିବା ପ୍ରଫେସର ଡ଼କ୍ଟର ସନ୍ତୋଷ କୁମାର ରାଉତ ଅତିଥି ପରିଚୟ ସହିତ ବିଷୟ ବସ୍ତୁ ଉପରେ ପ୍ରାକ ସୂଚନା ଦେଇଥିଲେ ।ଅନ୍ୟ ତମ ଅଧାପିକା ଅହଲ୍ୟା ସିଓଲ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ. ବିଭାଗୀୟ ମୁଖ୍ୟ ଶେଷରେ ତାଙ୍କ ଅଭିମତ ପ୍ରଦାନ କରିଭାରତରେ ନ୍ୟାୟ ପାଳିକା ବିଷୟରେ ମତ ପ୍ରଦାନ କରିଥିଲେ. ସ୍ନାତକତର ସେମିନାର ଛାତ୍ର ଧନ୍ୟବାଦ ଦେଇଥିଲେ ।






# ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲେଶ୍ୱର (ନି.ପ୍ର.): ସାମାଜିକ କର୍ତବ୍ୟନିର୍ବାହର ଅଂଶସ୍ୱରୂପ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାଲେଶ୍ୱର ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ରଣସାହିସ୍ଥିତ ୟୁନିୟନ୍ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସଂଘର ସଭାପତି ଇଂ. ବନମାଳୀ ନାୟକ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ଉପସଭାପତି ସୁଦର୍ଶନ ଦାସ ଓ ଦେବେନ୍ଦ୍ର ଚୌଧୁରୀ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ, ଯୁଗ୍ମ ସମ୍ପାଦକ ସାବିତ୍ରୀ ଦାସ ଓ ରବୀନ୍ଦ୍ର ମହାନ୍ତି ତଥା ବରିଷ୍ଠ ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ ଓ ଗୌରପ୍ରିୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଂଘର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ଫଳଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦର ସଭାପତି ରବୀନ୍ଦ୍ର ଦାସଙ୍କ ସହିତ ସଂଘର ସଦସ୍ୟ ସଦସ୍ୟା ସୁଶାନ୍ତ ନାୟକ, ଜ୍ୟୋସ୍ନା ରାୟ, ରୀତା ରାୟ, ସଞ୍ଜୟ ପଣ୍ଡା, ରବିନାରାୟଣ ବେହେରା, ଭବେଶ ପଣ୍ଡା, ବସନ୍ତ କୁମାର ନାୟକ, ରବିନାରାୟଣ ପାତ୍ର, ଭବେଶ ପଣ୍ଡା, ରେଣୁବାଳା ଦାସ, ପ୍ରଭାତି ସେଠୀ, ଭାସ୍କର ମିଶ୍ର, ଯୋଗେନ୍ଦ୍ର ସିଂହ, ହରେକୃଷ୍ଣ ପଲେଇ, ଅନାଦି ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସଙ୍କ ସଭାପତିତ୍ୱରେ ଏକ ସଭାରେ ସଂଘର କର୍ମକ□ୀମାନେ ମ□ାସୀନ ଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ବୃକ୍ଷରୋପଣ କାର୍ଯ୍ୟକ୍ରମ କେବଳ ଏକ ଔପଚାରିକତା ନା ସାମାଜିକ ଦାୟିତ୍ୱ' ଶୀର୍ଷକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଂଘର କାର୍ଯ୍ୟକାରୀ ସମିତି ସଦସ୍ୟା ଗୀତାଞ୍ଜଳି ଶତପଥୀ, ସଦସ୍ୟ ବୀରକିଶୋର ମିଶ୍ର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଣ୍ୟତୋୟା ପଣ୍ଡା ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରତିଯୋଗିତାରେ ଆକାଂକ୍ଷା ବେହେରା ପ୍ରଥମ, ସାଇଶ୍ରଦ୍ଧା ପାତ୍ର ଦ୍ୱିତୀୟ ଓ ସ୍ନିଗ୍ଧାରାଣୀ ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେମାନଙ୍କୁ ସଂଘଦ୍ୱାରା ପୁରସ୍କୃତ କରାଯାଇଥିଲା । ସଂଘର କର୍ମକ□ୀମାନେ ବୃକ୍ଷରୋପଣ ସମ୍ବନ୍ଧୀୟ ଉପଯୋଗୀ ବକ୍ତବ୍ୟ ରଖିଥିଲେ । ଉପସଭାପତି ଦେବେନ୍ଦ୍ର ଚୌଧୁରୀ ସମସ୍ତଙ୍କର ସକ୍ରିୟ ସହଯୋଗ ନିମନ୍ତେ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲା ମହିଳା ମୋର୍ଚ୍ଚା ଟିମ୍ ଘୋଷଣା

ବାଲେଶ୍ୱର(ନି.ପ୍ର.)ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା ମହିଳା ମୋର୍ଚ୍ଚା ସାଂଗଠନିକ ଜିଲ୍ଲା ବାଲେଶ୍ୱରର ଜିଲ୍ଲା ସଭାପତି ଶ୍ରୀମତୀ ସୁସ୍ମିତା ପଣ୍ଡା ତାଙ୍କର ପୂର୍ଣ୍ଣାଙ୍ଗ ଜିଲ୍ଲା ଟିମ୍ ଏବଂ ୩୩ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଜିଲ୍ଲା କମିଟିରେ ୬ ଉପସଭାପତି, ୨ ସାଧାରଣ ସମ୍ପାଦକ, ୬ ସମ୍ପାଦକ, ୧ କୋଷାଧ୍ୟକ୍ଷ, ୧ ଗଣମାଧ୍ୟମ ସଂଯୋଜକ, ୧ ସାମାଜିକ ଗଣମାଧ୍ୟମ, ୧ ସାମାଜିକ ଗଣମାଧ୍ୟମ ସହସଂଯୋଜକ ଓ ୧୫ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ରହିଛନ୍ତି । ଉପରୋକ୍ତ ଏବଂ ୩୩ ମଣ୍ଡଳ ସଭାପତିଙ୍କ ନାମ ସମ୍ବଳିତ ଦଳିୟ ଘୋଷଣାପତ୍ର ନିମ୍ନରେ ଦିଆଗଲା । - ଶ୍ରୀନିବାସ ପ୍ରଧାନ ଜିଲ୍ଲା ଗଣମାଧ୍ୟମ ସଂଯୋଜକ, ଭାରତୀୟ ଜନତା ପାର୍ଟି ବାଲେଶ୍ୱର ।

# ଶ୍ରୀ ଜଗନ୍ନାଥ ଜିଉ ବିଜେ ଶାସଙ୍ଗ ରେ ରଥଯାତ୍ରା

ବାଲେଶ୍ୱର (ନି.ପ୍ର.)ରବିବାର ସବୁବର୍ଷ ଭଳି ଏ ବର୍ଷ ମଧ ରଥଯାତ୍ରା ଶ୍ରୀଜଗନ୍ନାଥ ଜିଉ ବିଜେ ଶାସଙ୍ଗ ରେ ଅନୁଷ୍ଠିତ ହେଉଛି ।ଏ ବର୍ଷ ଗୋଟାଏ ଦିନରେ ତିନି ଦିନର ନୀତି ପଡ଼ିଥିବାରୁ ଭୋର ୩ ଘଟିକା ସମୟରେ ମନ୍ଦିର ଦ୍ୱାର ଖୋଲାଯାଇଥିଲା ।ପ୍ରଥମେ ମଙ୍ଗଳ ଆରତୀ ,ପଟିଦିଅଁ ବିସର୍ଜନ,ନେତ୍ରାଉତ୍ସବ,ନବଯୌବନ ଦର୍ଶନ,ପହଣ୍ଡି ବେଶ,ସେନାପଟା ଲାଗି,ଉଭାଯାତ୍ରା,ଖିଚୁଡ଼ି ଭୋଗ,ପତାକା ଲାଗି,ରଥ ପ୍ରତିଷ୍ଠା, ନୀତି ହେବା ପରେ ଅପରାହ୍ନ ୪ ଘଟିକା ସମୟରେ ଶ୍ରୀ ଜିଉ ମାନଙ୍କୁ ଗୋଟି ପହଣ୍ଡି କରି ସେବାୟତ ମାନେ ବହୁ ଆନନ୍ଦରେ ରଥାରୂଢ଼ କରିଥିଲେ ।ରଥାରୂଢ଼ ହେବା ପରେ ଶ୍ରୀ ଜିଉ ମାନଙ୍କୁ ସେବାୟତ ମାନେ ଠାକୁର ମାନଙ୍କୁ ବେଶ କରିବା ପରେ ଭକ୍ତ ମାନଙ୍କ ତରଫରୁ ଫଳ ଖୁରୁମା ଭୋଗ ଲଗାଇବାପାଇଁ କିଛିସମୟ ମନ୍ଦିର ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଥିଲା ।ଏହାପରେ ସନ୍ଧ୍ୟା ଠିକ ୭;୧୫ ମିନିଟ ସମୟରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଙ୍କ ଦ୍ୱାରା ଛେରାପହଁରା ନୀତି ହେବାପରେ ଚାରମାଳ ଫିଂଟା ଯାଇ ରଥ ଟଣା ଆରମ୍ଭ ହୋଇଥିଲା,ଶ୍ରୀଜଗନ୍ନାଥ ଜିଉ ବିଜେ ଶାସଙ୍ଗ ରେ ପାଖା ପାଖି ୯୦୦ ବର୍ଷ ରୁ ଉର୍ଦ୍ଧ ଠାକୁର ମାନେ ବିରାଜିଛନ୍ତି ବୋଲି ସରକାରୀ ନଥି ପତ୍ରରୁ ଜଣାଯାଏ ।ଏଠାକାର ପରମ୍ପରା ଅନୁସାରେ ରାତିରେ ରଥ ଟଣା ର ପରମ୍ପରା ରହି ଆସିଛି ।ଏହି ରଥ ଯାତ୍ରା କୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ,ଗ୍ରାମର କିଛି ଗ୍ରାମ ବାସୀ,ଓ ସଦର ଥାନା ପୋଲିସ ପ୍ରଶାସନ ମିଳି ମିଶି ପରିଚାଳନା କରନ୍ତି ।



# ରଥଯାତ୍ରା ଅବସରରେ ଉଦ୍‌ଘାଟିତ ହେଲା 'ମଣିମା' ଚିତ୍ରକଳା ପ୍ରଦର୍ଶନୀ

ବାଲେଶ୍ୱର(ନି.ପ୍ର,): ପବିତ୍ର ରଥ ଯାତ୍ରା ଅବସରେ ସମ୍ବଲପୁରର ଗୌରୀଶଙ୍କର ପାର୍କ ସ୍ଥିତ ଓଡିଶା ଲଳିତ କଳା ଏକାଡେମୀ, ଆଂଚଳିକ ଆର୍ଟ ଗ୍ୟାଲେରୀରେ ଓଡ଼ିଶାର ବିଶିଷ୍ଟ କଳାକାରମାନଙ୍କର ସମୂହ ଚିତ୍ରକଳା ପ୍ରଦର୍ଶନୀ 'ମଣିମା' ଉଦଘାଟିତ ହୋଇଯାଇଛି ।ପ୍ରଦର୍ଶନୀର ମୁଖ୍ୟ ସଂଯୋଜକ ଚିତ୍ରଶିଳ୍ପୀ କେଦାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶିକା କୁମାରୀ ଶୈଳଜା ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ କେ.ଭି.ଏସ୍ ସହକାରୀ କମିଶନର ମୁରଲୀଧର ସାହୁ, ଶିକ୍ଷାବିତ ତଥା ସାମାଜିକ କର୍ମୀ ଶ୍ରୀମତୀ କ୍ରିଷ୍ଣା ମହାଜନମ ଏବଂ 'ସମାଜ' ଖବରକାଗଜର ବରିଷ୍ଠ ସାମ୍ବାଦିକ ଡ. ସୁଜିତ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଅତିଥିମାନେ ଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଚିତ୍ରଗୁଡ଼ିକର ଉଚ୍ଚ ପ୍ରଶଂସା କରିବା ସହ ଆୟୋଜକମାନଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ସେମାନେ ଅଂଶଗ୍ରହଣ କରିଥିବା କଳାକାରମାନଙ୍କୁ ଉତ୍ସାହିତ କରି କଳାର ପ୍ରସାର ପାଇଁ ପ୍ରେରଣା ଦେଇଥିଲେ ।



ଏହି ପ୍ରଦର୍ଶନୀରେ କେଦାର ନାୟକଙ୍କ ସମେତ ନୟନ ମଲ୍ଲିକ, ସୁଧାଂଶୁ ନାୟକ, ପବିତ୍ର ମୋହନ ଶତପଥି, ପ୍ରଶାନ୍ତ ମାଝୀ, ଗୌରୀ ଶଙ୍କର ସିଂ, ସଞ୍ଜୟ ସାହୁ, କୁଲଦୀପ ବର୍ମା, ରଞ୍ଜିତା ମିଶ୍ର, ଦୀପିକା ଦେ, ସୁଶାନ୍ତ ମେହେର, ଛବିଳ ଦଳାଇ, ଅନୁରେଖା ଜେନା, ପ୍ରଭୁ ଦୟାଲ ତୀର୍କୀ, ନମିତା ବଡ଼ପଣ୍ଡା, ନୀଳକଣ୍ଠ ତାଣ୍ଡି, ପୁରୁଷୋତମ ମିଶ୍ର, ଲିଙ୍କନ ନାୟକ, ତୃପ୍ତିମୟୀ ମେହେର, ସୁଜାତା ବେହେରା, ପ୍ରଭାସ କୁମାର ମେହେର, ରାଧାରାଣୀ ପଣ୍ଡା, ଶୁଭ୍ରସ୍ମିତା ମେହେର, କ୍ରିଷ୍ଣାରାଣୀ ପଟେଲ, ମନପ୍ରୀତ କୌର, ଜିତେନ୍ଦ୍ରୀୟ ବେହେରା, ନିବେଦିତା ବେହେରା, ଅସୁମିତ ନାୟକ, ଯତୀନ କୁମାର ପାଢ଼ୀ, ଭବାନୀ ଶଙ୍କର ପ୍ରଧାନ, ମନୋଜ ପ୍ରଧାନ, ସଞ୍ଜୟ କୁମାର ମହାରଣା, ପୂର୍ଣଚନ୍ଦ୍ର ମେହେର, ମନୀଷ ବିଶ୍ୱାଳ, ଲୋକନାଥ ସାହାଣୀ, ଭାଗବତ ପ୍ରସାଦ ମିଶ୍ର, ପ୍ରାୟେଲ୍ଲା ପଣ୍ଡା, ବିକାଶ ମାଝୀ, ସତ୍ୟନାରାୟଣ ମେହେର, କସ୍ତୁରୀ ପଟେଲ, ମଧୁସ୍ମିତା ନାୟକ ଏବଂ ବିଶ୍ୱ ରଞ୍ଜନ ସାହୁ, ଜାଗୃତି ନାୟକଙ୍କ ଆକର୍ଷଣୀୟ ଚିତ୍ରକୃତୀ ସ୍ଥାନ ପାଇଛି ।ସଭାକୁ ଅସୁମିତା ନାୟକ ପରିଚାଳନା କରିଥିବା ବେଳେ ବରିଷ୍ଠ ଚିତ୍ରଶିଳ୍ପୀ ପବିତ୍ର ମୋହନ ସତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀ ପ୍ରତିଦିନ ପୂର୍ବାହ୍ନ ୧୧ ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସମସ୍ତ କଳାପ୍ରେମୀ ଓ ଦର୍ଶକଙ୍କ ପାଇଁ ମୁକ୍ତ ରହିବ ବୋଲି ଆୟୋଜକଙ୍କ ସୂତ୍ରରୁ କୁହାଯାଇଛି ।

# 'ମେରା ଯୁବ ଭାରତ' ପକ୍ଷରୁ ଅନୁଷ୍ଠିତ ହେଲା ଯୁବକ ସଂଘ ବିକାଶ ଅଭିଯାନ କାର୍ଯ୍ୟକ୍ରମ

ବାଲେଶ୍ୱର, (ନି.ପ୍ର.): ଭାରତ ସରକାରଙ୍କ କ୍ରୀଡା ଯୁବ ବ୍ୟାପାର ବିଭାଗ ଅନ୍ତର୍ଗତ 'ମେରା ଯୁବ ଭାରତ' ବାଲେଶ୍ୱର ଓ ସାମାଜିକ ସଂଗଠନ 'ମୁନ୍ କମ୍ୟୁନିକେସନ'ର ମିଳିତ ସହଯୋଗରେ ଯୁବକ ସଂଘ ବିକାଶ ଅଭିଯାନ କାର୍ଯ୍ୟକ୍ରମ ରଣସାହି ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ଶ୍ରୀ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ୨୦୪୭ ପର୍ଯ୍ୟନ୍ତ ବିକଶିତ ଭାରତ କାର୍ଯ୍ୟକ୍ରମରେ ଯୁବକମାନଙ୍କ ଭାଗିଦାରି ବୃଦ୍ଧି ପାଇଁ ସଭାରେ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ବିଶ୍ୱାଳ, ପଙ୍କଜିନୀ ଦାସ,ପୁଷ୍ପଲତା ଚଣ୍ଡ, ଶିବାନୀ ବେହେରା ମତବ୍ୟକ୍ତ କରିଥିଲେ । ସେମାନେ ଗ୍ରାମାଂଚଳରେ ନୂତନ କରି ଗଢି ଉଠିଥିବା ଯୁବକ ସଙ୍ଘର ସଭାପତି ଓ ସମ୍ପାଦକମାନଙ୍କୁ ସ୍ୱାଗତ କରିବା ସହ ବିକଶିତ ଭାରତରେ ଏମାନଙ୍କ ଭଗିଦାରି ସମ୍ପର୍କରେ ଆଲୋଚନା କରିଥିଲେ । ମହିଳା ସଂଘ ଗଠନରେ ସଂଖ୍ୟା ସୀମିତ ଥିବାରୁ ନିଜ ଅଂଚଳରେ ମହିଳା ସଙ୍ଘ ଗଠନ କରିବା ସହ ଦେଶର ବିକାଶରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇ ଥିଲେ କ୍ଷ ସମସ୍ତେ ନିଜ ନିଜ ଅଂଚଳରେ ନୂଆ ସଙ୍ଘ ଗଠନ ସହ ପୁରାତନକୁ ସାମିଲ କରି ନୂତନ ଯୁବ ନୀତି ଅନୁସାରେ ସମସ୍ତ ୧୫ ରୁ ୨୯ ମଧ୍ୟରେ ଯୁବକଯୁବତୀମାନଙ୍କୁ ଓ ନୂଆ, ପୁରୁଣା ଯୁବକ ସଂଘକୁ 'ମାଇଁ ଯୁବ ଭାରତ ପୋର୍ଟାଲ' ମାଧ୍ୟମରେ ପଞ୍ଜିକରଣ କରି ନିଜ ସହ ଦେଶର ବିକାଶରେ ସହଭାଗୀ ହେବାକୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଇନ୍ଦ୍ରମଣୀ ନାୟକ, ସୁଲୋଚନା ମଳିକ ମଞ୍ଜୁଲତା ବିଶ୍ୱାଳ, ମମତା ବେହେରା, ଶ୍ରାବଣୀ ମଳିକ, ସୂର୍ଯ୍ୟକାନ୍ତ ନାୟକ, ଅମ୍ବିକା ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ ।




# ଦେବୀ ସୁଭଦ୍ରାଙ୍କ ରଥଦଉଡ଼ି ମହିଳାଙ୍କ ହାତରେ

ବାଲେଶ୍ୱର (ନି.ପ୍ର.): ଗତକାଲି ପ୍ରବଳ ବର୍ଷା ସତ୍ୱେ ବାଲିଘାଟ ରଥଯାତ୍ରାର ପହଣ୍ଡି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥାରୂଢ଼, ପ୍ରସାଦ ବିତରଣ ଏବଂ ଦେବୀ ସୁଭଦ୍ରାଙ୍କ ରଥ ମହିଳାମାନଙ୍କ ଦ୍ୱାରା ଟଣାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ ଶ୍ରଦ୍ଧାଳୁମାନେ ତିନି ଦିଅଁଙ୍କ ରଥକୁ ଟାଣିଥିବା ବେଳେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ବାଲିଘାଟ ମନ୍ଦିର ଠାରୁ ଟାଣି ଟାଣି ବଇଁଚା ସ୍ଥିତ ମାଉସୀମା' ଦୁର୍ଗା ମନ୍ଦିର ନିକଟରେ ପହଁଚାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଧ୍ରୁବ ଚନ୍ଦ୍ର ରଣା, ଆଶ୍ରିତା ତରେଇ, ମୀନା ମହାନ୍ତି, ଯୋଗେନ୍ଦ୍ର ସାହୁ, ବିଧାୟକ ମାନସ ଦତ, ହରେନ ରଣା, କାଉନସିଲର ମୀନା ମହାନ୍ତି, ହରେନ ଚନ୍ଦ୍ର ରଣା, ଗଗନ ରାଉତ, ଅର୍ଚ୍ଚନା ନନ୍ଦୀ, ଆଶ୍ରିତା ତରେଇ, ସୁବୋଧ ମହାନ୍ତିଙ୍କ ସମେତ ବାଲିଘାଟ ସୁରକ୍ଷା କମିଟିର ଅନ୍ୟାନ୍ୟ କର୍ମକର୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।










# ବେଙ୍ଗାଲୁରୁରେ ଭକ୍ତି ଓ ଉତ୍ସାହର ସହିତ ପାଳିତ ହେଲା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା

ବାଲେଶ୍ୱର (ନି.ପ୍ର.): ଚଳିତ ବର୍ଷ ବେଙ୍ଗାଲୁରୁ ସ୍ଥିତ ଆହଦ ସେରେନିଟି ପରିସର ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା । ସ୍ଥାନୀୟ ଓଡ଼ିଆ ଜଗନ୍ନାଥ କମିଟି ପକ୍ଷରୁ ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ବଡ଼ ଧୂମଧାମରେ ପାଳିତ ହୋଇଯାଇଛି ।ଭାରତର ବିଭିନ୍ନ ପ୍ରାନ୍ତରୁ ଆସି ଆହଦ ସେରେନିଟିରେ ବସବାସ କରୁଥିବା ବିଭିନ୍ନ ଭାଷାଭାଷୀ ପରିବାରର ଯୁବକ-ଯୁବତୀ, ବୟୋଜ୍ୟେଷ୍ଠ ଏବଂ କୁନି କୁନି ପିଲାମାନେ ଏହି ଘୋଷଯାତ୍ରାରେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ସମସ୍ତଙ୍କ ମୁଖରେ ଥିଲା "ଜୟ ଜଗନ୍ନାଥ" ଧ୍ୱନି ।ଭଜନ, କୀର୍ତନ ଏବଂ ଘଂଟ-ଘଂଟାର ନାଦ ସହିତ ଭକ୍ତମାନେ ରଥ ଟାଣିବାରେ ଆନନ୍ଦର ସହ ସାମିଲ ହୋଇଥିଲେ । ରଙ୍ଗୀନ ସାଜସଜ୍ଜା, ପାରମ୍ପରିକ ପୋଷାକ ପରିଧାନ ଏବଂ ଆଧାତ୍ମିକ ପରିବେଶ ସମଗ୍ର ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା ।ଏହି ଉତ୍ସବରେ ବିଭିନ୍ନ ରାଜ୍ୟର ଲୋକମାନଙ୍କ ଉପସ୍ଥିତି ଭାରତର "ବିବିଧତାରେ ଏକତା"ର ଅପୂର୍ବ ବାର୍ତା ପ୍ରଦାନ କରିଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତ ଭକ୍ତଙ୍କ ମଧ୍ୟରେ ମହାପ୍ରସାଦ ବଂଟନ କରାଯାଇଥିଲା । ଓଡ଼ିଆ ଜଗନ୍ନାଥ କମିଟିର ସଦସ୍ୟମାନଙ୍କର ସହଯୋଗ ଓ ସୁସଂଗଠିତ ପରିଚାଳନା ଯୋଗୁଁ ଏହି ରଥଯାତ୍ରା ଶାନ୍ତିପୂର୍ଣ୍ଣ ଓ ସ୍ମରଣୀୟ ଭାବେ ସମ୍ପନ୍ନ ହୋଇଛି ବୋଲି ଉପସ୍ଥିତ ଭକ୍ତମାନେ ମତ ପ୍ରକାଶ କରିଛନ୍ତି ।







# ଆଜିକାଲି



ଯାବାନର୍ଥ ଉଦ୍‌ଯାନେ ସର୍ବତଃ ସଂପଲୁତେତାଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମତାସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ଋଷକାର୍ଯ୍ୟ ଉପରେ ଗୁରୁତ୍ୱ

ବର୍ତ୍ତମାନ ସୁଦ୍ଧା ଋଷ କାର୍ଯ୍ୟ ପାଇଁ ଯେଉଁ ପରିମାଣରେ ବର୍ଷା ହେବା କଥା ତାହା ଅଦ୍ୟାବଧି ହୋଇ ନାହିଁ । ସେଥିପାଇଁ ଋଷୀକୂଳ ହତାଶ ହୋଇ ପଡ଼ିଛନ୍ତି । ଜଙ୍ଗଲରେ ଥିବା ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ଏହି କୃଷିଜୀବୀ ମାନେ ଜୀବିକା ନିର୍ବାହ କରିବାର ପନ୍ଥା ନେଇଥିଲେ ସୁଦ୍ଧା ଜଙ୍ଗଲ କ୍ଷୟ ହେବା ଯୋଗୁଁ ତାହା ମଧ୍ୟ ସଫଳ ହେଉ ନାହିଁ । ଜୀବିକା ଓ ଜୀବନ ପାଇଁ ଋଷୀକୂଳ ଏବଂ ଆଦିବାସୀ ସଂପ୍ରଦାୟର ଲୋକମାନେ ବହୁ ହଇରାଣରେ ଜୀବନ ବିତାଉଛନ୍ତି । ବୈଜ୍ଞାନିକ ପଦ୍ଧତି ବହୁ ଆଗକୁ ଯାଇଥିଲେ ମଧ୍ୟ ସେହି ପଛରେ ଆଜି ମଧ୍ୟ ଲୋକେ ପଡ଼ି ରହିଛନ୍ତି । ଲୋକେ ବିଋରବନ୍ତ, ବୁଦ୍ଧିମାନ ଏବଂ କାର୍ଯ୍ୟଦକ୍ଷତା ଥାଇ ମଧ୍ୟ ଯଦି ପ୍ରକୃତି ସାଥ ଦେଉ ନାହିଁ ତାହାଲେ ଜଣେ କୁଶଳୀ ସେ କିଛି କରିପାରିବ ନାହିଁ । ପ୍ରତ୍ୟେକ ମଣିଷ ସୁଖଶାନ୍ତିରେ ଜୀବନ ଅତିବାହିତ କରିବା ପାଇଁ ପ୍ରାକୃତିକ ଭାବେ ଯାହା ସବୁ ଦରକାର ତାହା ପ୍ରକୃତି ଯୋଗାଇ ଦେଇଥାଏ । ଯାହାକି ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ପ୍ରଚୁର ଭାବେ ମୃତିକା ରହିଥିଲେ ସୁଦ୍ଧା ଏହି ଦୁଇ ସେଥିମଧ୍ୟରେ ଜଳର ଅଭାବ ପଡ଼ିବା ଯୋଗୁଁ ଖାଦ୍ୟଶସ୍ୟ ଉତ୍ପାଦନ ହୋଇ ପାରୁ ନାହିଁ । ଏଥିସହ ବିଶୁଦ୍ଧ ବାୟୁ ମଧ୍ୟ ମିଳିପାରୁ ନାହିଁ । ଯେଉଁଥିପାଇଁ ବର୍ତ୍ତମାନ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ଧାନ, ପନିପରିବା ନୁହେଁ ପାନବରଜ ପାଇଁ ମଧ୍ୟ ଉପଯୁକ୍ତ ପରିମାଣରେ ବିଶୁଦ୍ଧ ଜଳ ଆବଶ୍ୟକ ପଡ଼ିଥାଏ । ହିସାବ ଅନୁସାରେ ଏବେ ସାରା ପୃଥିବୀରେ ଶତକଡ଼ା ପ୍ରାୟ ୮ ଭାଗ ଜନସଂଖ୍ୟା ଚରମ ଦୁର୍ଗତି ଓ ଦାରିଦ୍ର୍ୟ ମଧ୍ୟରେ ସମୟ କାଟୁଛନ୍ତି । ଲୋକମାନଙ୍କର ଦିନକୁ ରୋଜଗାର ଯେତିକି ହେଉଛି ତାହା ବର୍ଦ୍ଧିତ ଦରଦାମ ଯୋଗୁଁ ପରିବାର ପୋଷଣ କରିବାରେ କଷ୍ଟ ହେଉଛି । ତେବେ ବିଶେଷ ଭାବେ ଦେଖିବାକୁ ଗଲେ ଗରୀବ ଲୋକମାନେ ଅଧିକ ଭାବେ ଦୁଃଖ କଷ୍ଟ ଭୋଗ କରୁଛନ୍ତି । ଖାଦ୍ୟ ପାଇଁ କେରଳ ଏକ ସ୍ୱତନ୍ତ୍ର ଅର୍ଥକାରୀ ଉପାର୍ଜନ ରାଜ୍ୟ ଭାବେ ଉନ୍ନତ ହୋଇଥିବା ବେଳେ ବର୍ତ୍ତମାନ ଅସ୍ୱାଭାବିକ ପାଗ ପରିବର୍ତ୍ତନ ପାଇଁ କିଛିଟା ଅର୍ଥକାରୀ ଫସଲ ଉତ୍ପାଦନ ମଧ୍ୟ ହ୍ରାସ ପାଇବାରେ ଲାଗିଛି । ତେବେ ଓଡ଼ିଶାକୁ ଲକ୍ଷ୍ୟ କଲେ ଜଣାଯାଏ କେରଳ ଠାରୁ ଆକାରରେ ବଡ଼ ଓ ଜଳବାୟୁ କ୍ଷେତ୍ରରେ ମଧ୍ୟ ଊଣା ଅଧିକେ ସମାନ । ବର୍ତ୍ତମାନ ସ୍ଥିତି ଦେଖି ଆମକୁ ସ୍ୱୀକାର କରିବାକୁ ହେବ ଯେ ଆମ ଦେଶ ଏବେ ଅନେକ କ୍ଷେତ୍ରରେ ଆଗେଇ ଋଲିଛି । ଏକବିଂଶ ଶତାବ୍ଦୀରେ ଆଜି ଆମ ସରକାର ବହୁ ନୂତନ ଯୋଜନା ସାମିଲ କରି ଅର୍ଥ ଯୋଗାଣ ଧେକ୍ଷତ୍ରରେ ଆଗେଇ ନେଇଛନ୍ତି । ଯାହାକି ଖୁସିର କଥା ତେବେ ବି ଆମ ରାଜ୍ୟ ଦାରିଦ୍ର୍ୟ ଦାରୁଣରୁ ରକ୍ଷା ପାଇ ପାରୁ ନାହିଁ । ଯେତେ ସବୁ ସମସ୍ୟା ର ସମାଧାନ କରିବାକୁ ସରକାର ଆଗେଇ ଆସୁଥିଲେ ସୁଦ୍ଧା ଲୋକେ ସେମାନଙ୍କର ସମସ୍ୟାରୁ ମୁକୁଳି ପାରୁ ନାହାଁନ୍ତି । ରାସ୍ତା-ଘାଟ, ଘର-ଦ୍ୱାର, ଜୀବନ-ଜୀବିକା ସବୁ କିଛିକୁ ଉନ୍ନତ ସ୍ତରରେ ପହଂଚା ଯାଉଥିଲେ ମଧ୍ୟ ଅନେକ ଲୋକ ଖାଦ୍ୟ, ବସ୍ତ୍ର ଏବଂ ରହିବା ଘରଟିଏ ପାଇଁ ରାସ୍ତାକଡ଼ରେ ବହୁ ଦୁଃଖଦ ଅବସ୍ଥାରେ ଆକାଶକୁ ଋହିଁ ବସିଛନ୍ତି । ତେବେ ଆମେ ଓଡ଼ିଶାର ସମୃଦ୍ଧି କରିବା ପାଇଁ ଋହୁଁଥିଲେ ମଧ୍ୟ ଆହୁରି ସମସ୍ୟା ଆମକୁ ମାଡ଼ି ବସିଛି । ତେବେ ଏଠାରେ ପ୍ରଶ୍ନ ଦାରିଦ୍ର୍ୟ ସମସ୍ୟାରୁ ଆମେ କିପରି ଦୂରେଇ ରହିବା ଏବଂ ଓଡ଼ିଶା ଭଳି ଏକ ସୁନ୍ଦର ରାଜ୍ୟକୁ ଶସ୍ୟ ସବୁଜ ସୁନ୍ଦର କରିପାରିବା ସେଥିପ୍ରତି ଦୃଷ୍ଟି ଦେବା କଅଣ ଉଚିତ ନୁହେଁ କି ? ଏସବୁ ଦୃଷ୍ଟିରେ ରଖି ସରକାର କୃଷିକାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କିପରି ପାଣି ସମସ୍ୟାର ସମାଧାନ କରି ଋଷୀ ମାନଙ୍କ ମୁହଁରେ ହସ ଫୁଟାଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବା ବର୍ତ୍ତମାନ ପାଇଁ ଏକ ଆହ୍ୱାନ ।

# ଶିକ୍ଷା ରାଷ୍ଟ୍ରୀୟ ପ୍ରଗତି ପାଇଁ ଅପରିହାର୍ଯ୍ୟ

◆ ଅଧ୍ୟାପକ ଗୋପବନ୍ଧୁ

ନୂତନ ପିଢ଼ିଙ୍କୁ ଶିକ୍ଷା ଦେଇ ଏତେ ସକ୍ଷମ କରିବା ଯେ ସେମାନେ ନିଜ ଜ୍ଞାନ ରୂପକ ଅସ୍ତ୍ରରେ ଏହି ବୈଋରିକ ଯୁଦ୍ଧରେ ବିରୋଧୀଙ୍କୁ ପରାସ୍ତ ପରି ପାରିବେ ।





ଯେ କୌଣସି ରାଷ୍ଟ୍ରର ବିକାଶ ଶିକ୍ଷାର ବିକାଶ ଉପରେ ନିର୍ଭରଶୀଳ । ଶିକ୍ଷାଦୃଷ୍ଟିରୁ ଗୋଟିଏ ଅନଗ୍ରସର ଦେଶ କ୍ଷୀପ୍ରଭାବେ ଆଗକୁ ବଢ଼ିବା ସମ୍ଭବପର ନୁହେଁ । ଯେଉଁ ଦେଶଗୁଡ଼ିକ ଆଜି ବିକଶିତ ରାଷ୍ଟ୍ରଭାବେ ବିବେଚିତ ହେଉଛନ୍ତି, ଅନୁଧ୍ୟାନରୁ ଉପଲବ୍ଧି କରାଯାଇପାରେ ଯେ ତାଙ୍କ ବିକାଶ ପଛରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତବର୍ଷ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ହେଲେ ତାଙ୍କ ତୁଲ୍ୟ ଆମକୁ ମଧ୍ୟ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ । ଏ ଦିଗରେ ଉଭୟ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ । କେବଳ ସ୍ଲୋଗାନ ଆମକୁ ବିଶ୍ୱଗୁରୁ ବନାଇବ ନାହିଁ । ଏଥିପାଇଁ ଆମକୁ ଭିତିଭୂମି ତିଆରି କରିବାକୁ ପଡ଼ିବ । ଏଦିଗରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ବୌଦ୍ଧିକ ଚେତନାର ବିକାଶ ଘଟାଇବା ସହିତ ଶ୍ରେଷ୍ଠତା ପ୍ରାପ୍ତିର ମାର୍ଗ ଅନ୍ୱେଷଣ ଦିଗରେ ସହାୟକ ହେବ । ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକ କଥନ ରହିଛି । ତାହା ହେଉଛି 'ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନ ତମାମ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢାଅ ।' ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧି ଆନ୍ଦୋଳନର ଅଦ୍ୱିତୀୟ ନେତା ନେଲସନ ମଣ୍ଡେଲାଙ୍କ ମତରେ 'ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇପାରିବ' । ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ । ଚୀନରେ ସାମ୍ୟବାଦର ପ୍ରତିଷ୍ଠାତା ମାଓ-ସେ-ତୁଙ୍ଗ କହିଥିଲେ ଦେଶର କୋଟିକୋଟି ଶିଶୁରୂପକ କଢ଼ିକୁ ଶିକ୍ଷା ମାଧ୍ୟମରେ ପ୍ରସ୍ଫୁଟିତ କରାଯାଇ ପାରିବ । ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ଶିକ୍ଷା ପୂର୍ଣ୍ଣତା ଦିଏ, ଶିକ୍ଷା ସଚେତନ କରାଏ, ଶିକ୍ଷା ସମତା ଭାବକୁ ଜାଗ୍ରତ କରାଏ, ଶିକ୍ଷା ସଂଘର୍ଷର ବାଟ ବତାଏ । ତେଣୁ ଭାରତବର୍ଷରେ ଉଭୟ ସାମାଜିକ ଓ ଆର୍ଥିକ ବିକାଶପାଇଁ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଅତ୍ୟନ୍ତ ଜରୁରୀ । ଶିକ୍ଷାର ବ୍ୟାପକ ପ୍ରସାର ବିନା ଏହା ଅସମ୍ଭବ । ଏକ ତୁଳନାତ୍ମକ ବିଚାରକଲେ ଶିକ୍ଷାଦୃଷ୍ଟିରୁ ଆମର ବର୍ତ୍ତମାନ ସ୍ଥିତି କଣ ତାହା ସହଜରେ ଜଣା ପଡ଼ିଯିବ । ୨୦୧୧ ମସିହାର ଜନଗଣନା ଅନୁଯାୟୀ ଭରତବର୍ଷରେ ଶିକ୍ଷାର ହାର ହେଉଛି ଶତକଡା ୭୪ ଭାଗ ଓ ଓଡିଶାରେ ହେଉଛି ଏହି ହାରରୁ ସାମାନ୍ୟ କମ୍ ଶତକଡା ୭୨ ଭାଗ । ଏବେ ଏ ହାର ସାମାନ୍ୟ ବୃଦ୍ଧି ପାଇଥିବାର ସୂଚନା ମିଳୁଛି । ଆମ ଦେଶରେ କେରଳ ହେଉଛି ସର୍ବାଧିକ ଶିକ୍ଷିତ ରାଜ୍ୟ, ଯାହାର ଶିକ୍ଷା ହାର ଶତ ପ୍ରତିଶତକୁ ଛୁଇଁଛି । ତା ତଳକୁ ଅଛି ଗୋଆ । ଦୁଃଖର କଥା ଯେ ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଦେଶରେ ଶତ ପ୍ରତିଶତ ଶିକ୍ଷାହାର ପ୍ରାପ୍ତ ହୋଇପାରି ନାହିଁ । ସଂଖ୍ୟାଧିକ ଅଶିକ୍ଷିତ ଲୋକ ପ୍ରାୟତଃ ଆଦିବାସୀ, ଦଳିତ ଓ ଓବିସି ବର୍ଗରେ ଅଛନ୍ତି । ନାରୀମାନେ ମଧ୍ୟ ତୁଳନାତ୍ମକ ଭାବେ ପଛରେ ଅଛନ୍ତ । ଶିକ୍ଷାଗତ ବିଷମତା ଯୋଗୁଁ ଦେଶରେ ବିଷମ ସମାଜ ତିଆରି ହୋଇଛି । କେଉଁଠି ନା କେଉଁଠି ଶିକ୍ଷା ପ୍ରସାର ଯୋଜନା ଦେଶରେ ବିଫଳ ହୋଇଛି । ଯୋଜନାରେ ତ୍ରୁଟି ରହିଛି କିମ୍ବା ଏହାକୁ କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ରହିଛି । ଦେଶରେ ଯେଉଁମାନଙ୍କୁ ଶିକ୍ଷିତରେ ଗଣା ହେଉଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଠିକ୍ ଭାବରେ ପଢି ପାରିବେ ନାହିଁ କି ଲେଖି ପାରିବେ ନାହିଁ । ଆମେ ୧୯୪୭ ମସିହାରେ ସ୍ୱାଧୀନ ହେଲୁ । ଆମର ଦୁଇବର୍ଷ ପରେ ଅର୍ଥାତ ୧୯୪୯ ମସିହାରେ ଚୀନରେ ବିପ୍ଳବ ମାଧ୍ୟମରେ କ୍ଷମତାର ପରିବର୍ତ୍ତନ ହେଲା ଓ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା । ମାତ୍ର ୩୦ ବର୍ଷ ମଧ୍ୟରେ ଚୀନ ନୂତନ ପୀଢ଼ିକୁ ଶତପ୍ରତିଶତ ଶିକ୍ଷିତ କରାଇ ପାରିଥିଲା । ଏବେ ଚୀନର ସାମଗ୍ରିକ ଶିକ୍ଷାହାର ପାଖାପାଖି ଶତପ୍ରତିଶତ । ସେହିପରି କ୍ୟୁବା ଏକ ଛୋଟଦେଶ ଯେଉଁଠାରେ ବିପ୍ଳବୀ ସରକାର ୧୯୭୯ ରେ ସ୍ଥାପିତ ହୋଇଥିଲା । ସେ ଦେଶ ମଧ୍ୟଶିକ୍ଷା ଦୃଷ୍ଟିରୁ ଆମଠାରୁ ବହୁ ଆଗରେ । ସେଠାକାର ତତକାଳୀନ ରାଷ୍ଟ୍ରପତି ଫିଡ଼େଲ କାଷ୍ଟ୍ରୋ ଥରେ ଗର୍ବର ସହିତ କହିଥିଲେ ଯେ ମୋ ଦେଶର ସଫେଇ କର୍ମଚାରୀମାନେ ମଧ୍ୟ ସ୍ନାତକୋତର । ବିଶ୍ୱର ଅନେକ ଦେଶରେ ଶିକ୍ଷାର ହାର ଶତପ୍ରତିଶତ । କେବେବି ଏମାନଙ୍କ ସହିତ ଆମେ ନିଜକୁ ତୁଳନା କରୁନା । ଆମେ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ର ପାକିସ୍ଥାନ, ବାଙ୍ଗଲାଦେଶ, ଶ୍ରୀଲଙ୍କା ପରି ଦେଶ ସହିତ ନିଜକୁ ତୁଳନା କରିଥାଉ । ଯେଉଁ ଦେଶମାନଙ୍କୁ ଆମେ ବିକଶିତ ରାଷ୍ଟ୍ର ବୋଲି କହୁଛୁ ସେ ସମସ୍ତ ଦେଶରେ ଶିକ୍ଷାର ହାର ବହୁ ଉପରେ ରହିଛି । ଆମ ଦେଶରେ ଶିକ୍ଷାର ବିକାଶ ଯେଉଁ ମନ୍ଥର ଗତିରେ ହେଉଛି, ଆମକୁ ସେହି ସ୍ଥରରେ ପହଂଚିବାକୁ ହେଲେ ଆହୁରି ଅନେକ ଦଶନ୍ଧି ଲାଗିଯବ । ବିଶ୍ୱଗୁରୁ ହେବାର ସ୍ୱପ୍ନ କଳ୍ପନାରେ ରହିଯିବ । ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ବହୁ ପଛରେ । ଗ୍ରାଜୁଏସନ ବା ସ୍ନାତକକୁ ସର୍ବନିମ୍ନ ଉଚ୍ଚଶିକ୍ଷା ବୋଲି ଗ୍ରହଣ କଲେ ବିକଶିତ ରାଷ୍ଟ୍ରମାନଙ୍କରେ ଏହା ପାଖାପାଖି ଶତକଡା ୫୦ ଭାଗ । କାନାଡାରେ ଗ୍ରାଜୁଏଟ୍ ମାନଙ୍କ ସଂଖ୍ୟା ସର୍ବାଧିକ ୫୬% ରହିଛି । ପ୍ରତିଦ୍ୱନ୍ଦୀ ଚୀନବି ବହୁ ଆଗରେ ରହିଛି । ସେହି ତୁଳନାରେ ଆମ ଦେଶରେ ଏ ହାର ମାତ୍ର ଶତକଡା ୫ ଭାଗ । ବିକଶିତ ରାଷ୍ଟ୍ରଗୁଡ଼ିକ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ଯେଉଁ ଗୁରୁତ୍ୱ ଦିଅନ୍ତି ଆମେ ସେହି ଗୁରୁତ୍ୱ ଦେଉନା । କାରଣ ସେମାନେ ଜାଣିଛନ୍ତି ବିକାଶର ମୂଳଆଧାର ହେଉଛି ଶିକ୍ଷା । କେବଳ ଉଚ୍ଚ ଶିକ୍ଷିତମାନେ ଦେଶକୁ କ୍ଷୀପ୍ରଗତିରେ ଆଗକୁ ନେଇ ପାରିବେ । ଉଚ୍ଚଶିକ୍ଷା ବୌଦ୍ଧିକତାର ବିକାଶ ଘଟାଏ । ଏହା ପ୍ରଗତୀର ମାର୍ଗକୁ ଉନ୍ମୁକ୍ତ କରେ । ସମାଜରୁ ବିଭେଦତା ଦୂରକରେ । ସମାଜକୁ ଐକ୍ୟବଦ୍ଧ କରେ ଓ ଦେଶକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ଚେଷ୍ଟା କରେ । ଏକଥାକୁ ବୋଧହୁଏ ଆମ ରାଷ୍ଟ୍ରନୀତିଜ୍ଞମାନେ ଏଯାଏଁ ଉପଲବ୍ଧି କରିନାହାଁନ୍ତି । ତେଣୁ ସ୍ୱାଧୀନତା ପରଠାରୁ ଏହାକୁ ଏତେ ଗୁରୁତ୍ୱର ସହିତ ବିବେଚନା କରାଯାଇ ନାହିଁ । ଏବେତ ଅବସ୍ଥାରେ ଆହୁରି ଅବନତି ଦେଖାଯାଉଛି । ଆମ ଦେଶରେ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା କେବଳ ପ୍ରଗତିକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ଏହା ସହିତ ବହୁ ପୁରାତନ ସାମାଜିକ ବୈଷ୍ୟମକୁ ଦୂରକରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ମଧ୍ୟ ଲଗାମ ଲଗାଇବ । ଉଚ୍ଚଶିକ୍ଷା ବ୍ୟକ୍ତିତ୍ୱ ବିକାଶର ଅମୋଘ ଅସ୍ତ୍ର । ସମାଜରେ ଦେଖା ଦେଉ ଥିବା ଜାତିଗତ ଭେଦଭାବ ଓ ଧାର୍ମିକ ବିଭେଦ ଅନେକାଂଶରେ ଉଚ୍ଚଶିକ୍ଷାର ପ୍ରସାର ମାଧ୍ୟମରେ ରୋକାଯାଇ ପାରିବ । ଉଚ୍ଚଶିକ୍ଷିତମାନେ ସମାଜରେ ନିଜ ପରିଚୟ ତିଆରି କରିବାକୁ ଚେଷ୍ଟା କରନ୍ତି । ଏହା ତାଙ୍କୁ ବିକଶିତ ହେବାକୁ ପ୍ରେରିତ କରେ । ଅନେକ ବ୍ୟକ୍ତିଙ୍କ ଏତାଦୃଶ୍ୟ ପ୍ରୟାସ ରାଷ୍ଟ୍ରକୁ ଆଗେଇ ନେବାରେ ସହାୟକ ହୁଏ । ଶିକ୍ଷା ମନୁଷ୍ୟର ବିଚାରଶୀଳତାକୁ ବିକଶିତ କରାଏ । ଅନ୍ୟ ପକ୍ଷରେ ଅଶିକ୍ଷିତଙ୍କ ମଧ୍ୟରେ ଅନ୍ଧଭକ୍ତଙ୍କ ସଂଖ୍ୟା ବୃଦ୍ଧିପାଏ, ଯେଉଁମାନେ ରାଷ୍ଟ୍ରକୁ ରସାତଳକୁ ନେଇଯିବାର କାମ କରନ୍ତି । ରାଜନୈତିକ ଦଳ ଓ ବ୍ୟକ୍ତିମାନେ ଏମାନଙ୍କୁ ସହଜରେ ବ୍ୟବହାର କରିପାରନ୍ତି । ଭିଡତନ୍ତ୍ର ସୃଷ୍ଟିପାଇଁ ଜାଣିଶୁଣି ଲୋକଙ୍କୁ ଅଶିକ୍ଷିତ ରଖିବାର ପ୍ରୟାସ ହୁଏ । ବିଗତ ବର୍ଷମାନଙ୍କରେ ଏ ଅବସ୍ଥା ଦେଖିବାକୁ ମିଳୁଛି । ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କୁ ରାଜନୈତିକ ଆଖଡାରେ ପରିଣତ କରାଯାଉଛି । ଏଗୁଡ଼ିକୁ ଧ୍ୱଂସ କରିବାର ପ୍ରୟାସ ହେଉଛି । ଶିକ୍ଷାର ଘୋରଇକରଣ ପରିସ୍ଥିତିକୁ ଆହୁରି ଜଟିଳ କରୁଛି । ବିକଶିତ ରାଷ୍ଟ୍ରମାନଙ୍କରେ ଶିକ୍ଷା ବଜେଟ୍ ପ୍ରାୟତଃ ଆମ ଦୁଇଗୁଣ । ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଶତକଡ଼ା ତିନି ଭାଗରୁ ସାମାନ୍ୟ ଅଧିକ । ଆମ ପ୍ରତିଦ୍ୱନ୍ଦୀ ଚୀନର ଶିକ୍ଷା ବଜେଟ୍ ପାଖାପାଖି ୧୦% । ଏପରି ପରିସ୍ଥିତିରେ ଆମେ ବିଶ୍ୱଗୁରୁ ହେବା କିପରି ? ତେଣୁକରି ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଅନ୍ୟୁନ ୧୦% ହେବା ଉଚିତ୍ । ଚାଲି ଥିବା ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡିବ । ଆଗାମୀ ଏକ ଦଶକ ମଧ୍ୟରେ ଦେଶର ସମସ୍ତ ନାଗରୀକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡିବ । ଏତତ୍ ବ୍ୟତୀତ ଆମକୁ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ । ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୁନ ୫୦% ଲୋକଙ୍କୁ ସର୍ବନିମ୍ନ ଗ୍ରାଜୁଏଟ ବନାଇବାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ । ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଭାଗୀତା ଓ ସଂକଳ୍ପ ଅତ୍ୟନ୍ତ ଜରୁରୀ ।

*ଦର୍ଶନ ବିଭାଗ (ଅବସରପ୍ରାପ୍ତ),*
*ବାରିପଦା, ମୟୂରଭଞ୍ଜ,*
*ମୋ. ୭୦୦୮୯୭୬୧୮୦*

# ଅମର ଶହୀଦ୍ ରଘୁନାଥ ମହାନ୍ତି



ଅରବିନ୍ଦ ତ୍ରିପାଠୀ




ଉତ୍କଳର ସୁଯୋଗ୍ୟ ସନ୍ତାନ ତଥା ନୟାଗଡ଼ ଜିଲ୍ଲାର ଯୁବବିପ୍ଳବୀ, କବି ତଥା ରଣପୁର ଗଡ଼ଜାତ ଆନ୍ଦୋଳନର ମହାନ ସଂଗ୍ରାମୀ ଶହୀଦ୍ ରଘୁନାଥ ମହାନ୍ତି ଦେଶମାତୃକା ପାଇଁ ବଳୀଦାନ ଦେଇଥିଲେ । ରଣପୁର ପ୍ରଜା ଆନ୍ଦୋଳନରେ ସକ୍ରୀୟ ଭାବେ ଅଂଶଗ୍ରହଣ କରିବା ସହିତ ତତ୍‌କାଳୀନ ରାଜା ଓ ବ୍ରିଟିଶ୍ ଶାସକମାନଙ୍କ ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତୋଳନ କରିଥିଲେ । ସେହି ଯୁବ ସଂଗ୍ରାମୀ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ବାଦଭୂଇଁ ଗ୍ରାମରେ ୧୯୧୦ ମସିହା ଜୁଲାଇ ମାସ ୧୮ ତାରିଖରେ ପିତା ନଟବର ମହାନ୍ତି ଓ ମାତା ଲାବଣ୍ୟ ଦେବୀଙ୍କ ଔରସରୁ ଭୂମିଷ୍ଠ ହୋଇ ଥିଲେ । ଛାତ୍ର ଅବସ୍ଥାରେ ସମାଜରେ ଅନ୍ୟାୟ ଅତ୍ୟାଚାର, ଶୋଷଣ ବିରୋଧରେ କବିତା ଓ ଲେଖାମାନ ପ୍ରକାଶ କରିବା ସହିତ ଓଡ଼ିଶାର ମୁକ୍ତି ପାଇଁ ନିଜ ଜୀବନକୁ ମଧ୍ୟ ବଳୀ ଦେଇ ଥିଲେ । ପରାଧୀନ ଭାରତ ବର୍ଷର ଓଡ଼ିଶାର ରଣପୁର ପରି ଏକ ଛୋଟଗଡ଼ଜାତ ରାଜ୍ୟରେ ଘଟିଥିବା ଏକ ସଂଗ୍ରାମ ସେତେବେଳେ ସମଗ୍ର ଭାରତବର୍ଷ ଏପରିକି ବ୍ରିଟିଶ୍ ମାନଙ୍କୁ ଦୋହଲାଇ ଦେଇଥିଲା । ନିଜ ବାଲ୍ୟବନ୍ଧୁ ଦିବାକର ପରିଡ଼ାଙ୍କ ସହ ମିଶି ରଘୁନାଥ ଜନସାଧାରଣଙ୍କୁ କିପରି ରାଜା ଓ ଇଂରେଜମାନଙ୍କ କବଳରୁ ମୁକ୍ତ କରିବେ ତାହାର ଚିନ୍ତା ଅହରହ କରୁଥିଲେ । ରଣପୁର ରାଜାଙ୍କ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ବେଠୀ ତଥା ବିଭିନ୍ନ ପ୍ରକାର କୁସଂସ୍କାର ବିରୋଧରେ ପ୍ରଜାମାନଙ୍କୁ ଏକତ୍ରିତ କରିବା ସହିତ ଅନ୍ୟାୟ ବିରୋଧରେ ସ୍ୱର ଉତୋଳନ କରିବା ପାଇଁ ପ୍ରବର୍ତାଉଥିଲେ । ୧୯୩୭-୩୮ ମସିହାରେ ଓଡ଼ିଶାରେ କଂଗ୍ରେସ ଶାସନ ଚାଲିଥିବା ସମୟରେ ରାଜାଙ୍କ ସ୍ୱେଚ୍ଛାଚାରୀ, ଅନ୍ଧାରୀ ଆଇନ ଓ ସେ ସମୟରେ ଏକ ନରବଳୀ ପ୍ରଥା ଯାହାକି ଏକ ଘୃଣ୍ୟ ପ୍ରଥା ଥିଲା । ତାହାର ଉଚ୍ଛେଦ ପାଇଁ ଦିବା-ରାତ୍ର ଲଢ଼େଇ ଆରମ୍ଭ କରିଥିଲେ । ସେତେବେଳେ ରଣପୁରର ପ୍ରଜାମାନେ ୨୮ ପ୍ରକାରର କର ରାଜାଙ୍କୁ ଦେଉଥିଲେ ଯାହାକି ରାଜାଙ୍କ ସ୍ୱେଚ୍ଛାଚାରୀ ଶାସନର ପ୍ରମାଣ ଦେଇଥିଲା । ରଣପୁର ରାଜ୍ୟବାସୀ ରଘୁନାଥ ମହାନ୍ତି ଓ ତାଙ୍କ ବାଲ୍ୟ ସାଥୀ ଦିବାକର ପରିଡ଼ାଙ୍କ ନେତୃତ୍ୱରେ ଏକାଠି ହେବା ସହିତ ଇଂରେଜ ଓ ରାଜାଙ୍କ ଶାସନକୁ ସମାପ୍ତ କରିବା ପାଇଁ ପଣ ଧରିଲେ । ସେତେବେଳେ ପ୍ରଜା ଆନ୍ଦୋଳନ କ୍ରମଶଃ ବୃଦ୍ଧି ପାଇ ଢ଼େଙ୍କାନାଳକୁ ବ୍ୟାପୀ ଯାଇଥିଲା । ଢ଼େଙ୍କାନାଳରେ ବାଜି ରାଉତ ଭଳି ଏକ ସାହସୀ ଯୁବକର ମୃତ୍ୟୁ ଇଂରେଜମାନଙ୍କ ଗୁଳିରେ ହୋଇଥିବା ଜାଣି ନିମିଷକ ମଧ୍ୟରେ ଉକ୍ତ ଖବର ରଣପୁରକୁ ବ୍ୟାପୀଯାଇଥିଲା । ଫଳରେ ରଣପୁର ପ୍ରଜାମାନଙ୍କ ମଧ୍ୟରେ ଆକ୍ରୋଶର ଭାବ ଜାତ ହୋଇଥିଲା । ଏହି ଆନ୍ଦୋଳନକୁ ବିଫଳ କରିବା ପାଇଁ ବିପ୍ଳବୀ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତିଙ୍କୁ ରାଜାଙ୍କ ତରଫରୁ ବହୁ ଅର୍ଥର ଲୋଭ ଦିଆଯାଇଥିଲା ମାତ୍ର ଦେଶପ୍ରେମୀ, ସ୍ୱାଭିମାନୀ, କର୍ମନିଷ୍ଠ ଦୁଇ ବିପ୍ଳବୀ ଏହାକୁ ପ୍ରତ୍ୟାଖାନ କରିଥିଲେ । ରଣପୁରରେ ପ୍ରଜାଙ୍କ ଆନ୍ଦୋଳନ ରାଜାଙ୍କ ବିରୋଧରେ ତୀବ୍ର ଭାବରେ ଘଟିଥିଲା । ଫଳରେ ବହୁ କର୍ମୀ ଓ ଜନସାଧାରଣଙ୍କୁ ରାଜା ଗିରଫ କରିଥିଲେ । ତାଙ୍କର ମୁକ୍ତି ପାଇଁ ୧୯୩୯ ମସିହା ଜାନୁଆରୀ ମାସ ୫ ତାରିଖ ଦିନ ପ୍ରଜାମଣ୍ଡଳ ତରଫରୁ ରାଜପ୍ରାସାଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ସହିତ ରାଜଶାସନ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ଏହି ପରିସ୍ଥିତିକୁ ଆୟତ କରିବା ପାଇଁ ବ୍ରିଟିଶ ସରକାର ନୟାଗଡ଼ରେ ଥିବା ପଲିଟିକାଲ୍ ଏଜେଂଟ୍ ମେଜର ଆର୍‌ଏଲ୍ ବେଜେଲ୍‌ଗେଟ୍‌ଙ୍କ ସାହାଯ୍ୟ ନେଇଥିଲେ । ଅତ୍ୟାଚାରୀ ବେଜେଲ୍‌ଗେଟ୍ ରଣପୁର ଆସିଲେ ଲୋକମାନଙ୍କ ଉପରେ ଅତ୍ୟାଚାର ହେବା ଜାଣି ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଉତେଜନା ବୃଦ୍ଧି ପାଇଥିଲା । ରଣପୁର ରାଜାଙ୍କଠାରୁ ସମ୍ବାଦ ପାଇ ବେଜେଲ୍‌ଗେଟ୍ ପୋଲିସ୍‌ମାନଙ୍କ ସହିତ ରଣପୁର ଆସିଲେ । ବାଟରେ କିଛି ବ୍ୟକ୍ତି ତାଳପତ୍ର ଦ୍ୱାରା ରାସ୍ତା ଅବରୋଧ କରିଥିଲେ । ଏହି କ୍ରମରେ ବେଜେଲ୍‌ଗେଟ୍ ଏବଂ ରାସ୍ତା ଅବରୋଧ କରିଥିବା ବୁଦ୍ଧନାଥ ଭୋଳ ଓ ତାଙ୍କ ସହକର୍ମୀମାନଙ୍କୁ ନିର୍ମମ ଭାବେ ସେ ମରଣାନ୍ତକ ପ୍ରହାର କରିଥିଲେ । ଏହି ଖବର ଆଖିପିଛୁଳାକେ ରଣପୁରରେ ପହଂଚିଯାଇଥିଲା । ଫଳରେ ରଣପୁର ଜନସାଧାରଣଙ୍କ ମନରେ ତାଙ୍କ ପ୍ରତି କ୍ରୋଧର ଭାବ ଚରମ ସୀମାରେ ପହଂଚିଯାଇଥିଲା । କିଛି ସମୟ ପରେ ସାହେବ ସେଠାରେ ପହଂଚିବା ପରେ ଉତ୍ୟକ୍ତ ଓ କ୍ରୋଧିତ ଜନତା ତାଙ୍କୁ ଘେରି ଯାଇଥିଲେ । ଏହି ସମୟରେ ମୟୁରଝୋଲିଆ ଗ୍ରାମର ଅର୍ଜୁନ ରାଉତଙ୍କ ଘଟଣାସମୟରେ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଉତ୍ୟକ୍ତ ପ୍ରଜା ମିଳିତଭାବେ ବେଜେଲ୍‌ଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ମାରିଦେଇଥିଲେ । ଯେହେତୁ ଯୁବ ବିପ୍ଳବୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଏହାର ନେତୃତ୍ୱ ନେଉଥିଲେ ସେମାନଙ୍କ ବିରୋଧରେ ମିଥ୍ୟା ଷଡ଼ଯନ୍ତ୍ର ଓ ସାକ୍ଷପ୍ରମାଣ ସଂଗ୍ରହ କରି ଅଭିଯୋଗପତ୍ର ପ୍ରସ୍ତୁତ କରାଯାଇଥିଲା । ବିହାର ପ୍ରଦେଶର ଅନ୍ତର୍ଭୁକ୍ତ ଗୟାର ଦୌରାଜଜ୍‌ଙ୍କ ନିକଟରେ ଶୁଣାଣି ହୋଇଥିଲା । ଶେଷରେ ଦୁଇ ବିପ୍ଳବୀ ମିଥ୍ୟା ଷଡ଼ଯନ୍ତ୍ରର ଶିକାର ହୋଇ ୧୯୪୧ ମସିହା ଏପ୍ରିଲ୍ ମାସ ୪ ତାରିଖରେ ଭାଗଲପୁର ଜେଲ୍‌ରେ ଉଭୟଙ୍କୁ ଫାଶୀଦଣ୍ଡାଦେଶ ହୋଇଥିଲା । ଉକ୍ତ ଦୁଇ ବିପ୍ଳବୀ ଆଜି ଆମ ଗହଣରେ ନାହାନ୍ତି ସତ ମାତ୍ର ତାଙ୍କ ଦେଶପ୍ରେମ, ନିଷ୍ଠା, ବଳିଦାନର ଆଜିବି ପ୍ରାସଙ୍ଗିକତା ରହିଛି । ଶହୀଦ୍ ରଘୁ-ଦିବାକର ସଂସଦର ସାଧାରଣ ସଂପାଦକ ବ୍ରଜବନ୍ଧୁ ପରିଡ଼ା ରାଜଧାନୀରେ ଥିବା ତାଙ୍କ ପ୍ରତିମୂର୍ତି ସ୍ଥଳଠାରେ ଆବିର୍ଭାବ ଓ ତିରୋଧାନ ଦିବସମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ ସହିତ ସ୍ମୃତିଚାରଣ ସଭାର ଆୟୋଜନ କରିଆସୁଛନ୍ତି । ଏହିପରି ମହାନ୍ ଦେଶପ୍ରେମୀ ଉତ୍କଳର ସନ୍ତାନ ଶହୀଦ୍ ରଘୁନାଥ ମହାନ୍ତିଙ୍କୁ କୋଟି ପ୍ରଣାମ ।


*ମୁଖପାତ୍ର ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ,*
*ଭୁବନେଶ୍ୱରମୋ: ୯୯୩୭୬୮୯୬୮୩*

# କହିନେ କହିବ କହୁଚି

ତ୍ରିଯ୍ୟକ

ହିଂସା, ପ୍ରତିହିଂସା ପରାୟଣ ମନୋଭାବ ନେଇ ଆମେ ଯେ, ଦୁନିଆରେ ଜିତି ଯିବା ସେ କଥା ଭାବିବା ଭୁଲ୍ । କେହି କେବେ ହିଂସାଭାବ ନେଇ ଏ ଦୁନିଆରେ ତିଷ୍ଠି ପାରିନାହାଁନ୍ତି ଏବଂ ତିଷ୍ଠିବା ମଧ୍ୟ ଅସମ୍ଭବ । ସ୍ୱଳ୍ପ ସମୟ ମଧ୍ୟରେ ହୁଏତ ଜଣେ ପ୍ରତିହିଂସା ପରାୟଣ ବ୍ୟକ୍ତି ଶୀର୍ଷକୁ ଉଠିଯାଇପାରେ କିନ୍ତୁ ତାହା ଅଳ୍ପ ସମୟ ପାଇଁ । ନିଃସ୍ୱାର୍ଥପର ଭଲପାଇବା, ସ୍ନେହ, ଶ୍ରଦ୍ଧା, ମମତା ଏ ସବୁ କାଳଜୟୀ । ଏହାରି ମାଧ୍ୟମରେ ଜଣେ ଶତ୍ରୁ ମଧ୍ୟ ମିତ୍ର ହେବା ସଂଗେ ସଂଗେ ଭଲ ମଣିଷଟିଏ ମଧ୍ୟ ହୋଇ ପାରେ । ମହାନ୍ତି ବାବୁଙ୍କ ଦୁଇ ପୁଅ ମଧ୍ୟରୁ ବଡ଼ ପୁଅ ୨୦ ବର୍ଷ ପୂର୍ବରୁ ବିବାହ କରିଥିବା ବେଳେ ସାନ ପୁଅଟି ବିଳମ୍ବରେ ୫ ବର୍ଷ ତଳେ ବିବାହ କରିଛି । ପ୍ରଥମେ ବୋହୂଟି ଯେତେବେଳେ ଶାଶୁ ଘରେ ପାଦ ଦେଇଛି ଅନେକ ସ୍ୱପ୍ନ ନେଇ ସୁନ୍ଦର ସଂସାର ଗଢ଼ିବାର ପରିକଳ୍ପନାରେ ନିମଜ୍ଜିତ ଓ ଉଲ୍ଲସିତ ହୋଇଛି । ସ୍ୱାମୀ ସହ ଘର ଏରୁଣ୍ଡିବନ୍ଧ ଡେଇଁଲା ବେଳେ ସେ ଭାବିପାରି ନଥିଲା ଆଗକୁ କ'ଣ ଘଟିବ ବୋଲି । ବାହାଘରର ୨୦ ଦିନ ଖୁବ୍ ଭଲରେ କଟିଗଲା ପରେ ଆସିଗଲା ତା' ପାଇଁ ଦାରୁଣ ଦୁଃଖ । କଥା କଥାକେ ଯାଆ ଓ ନଣନ୍ଦର ଦୁର୍ବବ୍ୟହାର । ଖାଇବା-ପିଇବା, ରୋଷେଇ-ବାସ ସବୁଥିରେ କେବଳ କଟକଣା ହିଁ କଟକଣା । ନୂଆବୋହୂଟି ଏ ସବୁ ପରିସ୍ଥିତିକୁ ସହି ପାରୁନଥିବା ବେଳେ ଦୁଃଖ କେବଳ ସ୍ୱାମୀ ପାଖରେ ହିଁ କହୁଥାଏ । ନିରୀହ ସ୍ୱାମୀଟି ଅବା କ'ଣ କରିପାରିବ ? ଗୋଟିଏ ପଟେ ଆର୍ଥିକ ସଂକଟ ଥିବା ବେଳେ ଅନ୍ୟପକ୍ଷେ ସ୍ତୀର ଦୁଃଖ ସ୍ୱାମୀକୁ ଅଥୟ କରି ଦେଉଥାଏ । କିସ କରିବ ବା ନକରିବ ତା' ମୁଣ୍ଡକୁ ବୁଦ୍ଧି ଦିଶୁନଥାଏ । ବିବାହର ୬ ମାସ ପରେ ବୋହୂଟି ଗର୍ଭବତୀ ଥିବା ଜାଣି ଉଭୟ ସ୍ୱାମୀ-ସ୍ତ୍ରୀ ଖୁସିରେ ଗଦଗଦ ହୋଇ ପଡୁଥାନ୍ତି । ଡାକ୍ତରଙ୍କ ପରୀକ୍ଷା-ନିରୀକ୍ଷା ପରେ ଜଣାପଡ଼ିଲା ଗର୍ଭବତୀ ଥିବା ସହ ସେ ଉଚ୍ଚମଧୁମେହ ରୋଗରେ ପୀଡ଼ିତ ଅଛି । ହଠାତ୍ ମାଟିତଳୁ ଯେପରି ପାଦ ଖସିଗଲା ସ୍ୱାମୀର । କିସ କରିବ ଭାବି ମୁଣ୍ଡରେ ଚଡ଼କ ପଡ଼ିଲା । ସେ ଯାହା ହେଉ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଉଥିଲେ ମଧ୍ୟ ବିଋରି ବୋହୂଟି ଭୋକ ସମ୍ଭାଳି ପାରୁନଥାଏ । ପଖାଳ- ତୋରାଣି ଯାହା ଘରେ ଥାଏ ସେ ଖାଇ ଦିଏ । ଏସବୁ ପରିସ୍ଥିତିକୁ ଦେଖି ବଡ଼ ଯାଆ ଆଦୌ ସହ୍ୟ କରିପାରେ ନାହିଁ । କଥା କଥାକେ ତିରସ୍କାର କରି କାନ୍ଥବାଡ଼କୁ ଲଗେଇ ଯାଇତାଇ କଥା କହୁଥାଏ । ଯାହା ହେଉ ପିଲାଟି ଜନ୍ମ ନେଲା ଏବଂ ଜନ୍ମର ମାତ୍ର ୩/୪ ଦିନ ପରେ ତା'ର ମୃତ୍ୟୁ ଘଟିଲା । ଜଣାପଡ଼ିଲା ପିଲାଟି ବିକଳାଙ୍ଗ । ଉଚ୍ଚ ମଧୁମେହ ଏହାର କାରଣ ବୋଲି ଜଣା ପଡ଼ିବା ପରେ ପରିବାରର ଅନ୍ୟ ସଦସ୍ୟ ମାନେ ସମସ୍ତେ ଏକାଠି ହୋଇ ତାକୁ ଗାଳି ଦେବାରେ ଲାଗିଲେ । କହିଲେ- "ଏ ଅଲାଜୁକି ଆମ ଘରକୁ ଭାଙ୍ଗିବା ପାଇଁ ଆସିଛି" ଛୁଆଟିଏ ତ ଠିକ୍ ଭାବେ ଜନ୍ମ କରିପାରିଲା ନାହିଁ । ପେଟ ବିକଳିଆ ହେଇ ହାଣ୍ଡିଛିଦ୍ର କରି ଗୁରୁଗୁରୁଜନ ଜ୍ଞାନ ନ କରି ସବୁ ଖାଲି ଖାଇ ଯାଉଥିଲା । ସେଥିପାଇଁ ଏମିତି ଘଟିଲା । ଏହା ପରେ ପରେ ବୋହୂଟି ଶାନ୍ତରୁ କଠୋରରେ ପରିଣତ ହେଲା । ଶାଶୁ ଘର ପରିବାରକୁ ସେ ଭିନ୍ନ ଅର୍ଥରେ ଦେଖିଲା । କାହାରି ପ୍ରତି ନଥିଲା ଭରସା- ବିଶ୍ୱାସ । ଯାଆ, ନଣନ୍ଦ କାହାରିକୁ ଖାତିର ନକରି ନିଜର ଭାଗ ନେବା ପାଇଁ ସ୍ୱାମୀ ପାଖରେ ଅଡ଼ି ବସିଲା । ସ୍ୱାମୀ ବିଚରା ନିରୀହ । ସେ ଅବା କାହା କଥା ଶୁଣିବ । ତେବେ ଏଠାରେ ପ୍ରଶ୍ନ ଉଠେ ଆମେ ସବୁବେଳେ ବୋହୂଟିକୁ ଦୋଷ ଦେଉଛେ, କିନ୍ତୁ କାହିଁକି ? କେହି କେବେ ଖରାପ ହୋଇନଥାଏ । ଅବଶ୍ୟ ବାପ ଘରୁ ପାଇଥିବା ସଂସ୍କାର ଯଦି ଠିକ୍ ଭାବେ ଉପଯୋଗୀ ହୋଇ ନଥାଏ ତେବେ ବୋହୂର ସ୍ୱଭାବ ନିଶ୍ଚିତ ଭାବେ କଠୋର ହେବ ହିଁ ହେବ । ତେଣୁ ସ୍ନେହ, ଶ୍ରଦ୍ଧା ମାଧ୍ୟମରେ ବୋହୂକୁ ଭଲ ପାଇବା ଦେଲେ ହୁଏତ ଯଦି ବିବେକ ଥିବ ସେ ସବୁ କିଛିକୁ ବୁଝିପାରି ନିଜ ଗୃହରେ ବୋହୂ ପଣିଆ ଠିକ୍ ଭାବେ ତୁଲାଇପାରିବ । ବୋହୂଟି ମଧ୍ୟ ସ୍ୱାମୀର ରୋଜଗାରକୁ ଦେଖି ସେଇ ଅନୁସାର ସଂସାର ପରିଋଳନା କଲେ ଉଭୟେ ସ୍ୱାମୀ-ସ୍ତ୍ରୀ ଖୁବ୍ ଖୁସିରେ ବ□ପାରିବେ । ଧ୍ୟାନ ଦେବାକୁ ହେବ ମାଟି କଣ୍ଢେଇ ହୋଇ ଆସିଥିବା ବୋହୂଟିକୁ ସଠିକ୍ ରୂପେ ଗୃହର ମର୍ଯ୍ୟାଦା ଅନୁଯାୟୀ ସୁ-ଶାସନ ଏବଂ ସ୍ନେହ, ପ୍ରେମ ବନ୍ଧନରେ ବାନ୍ଧି ତାକୁ ଯଦି ଠିକ୍ ଭାବେ ଆଦର୍ଶ, ବିଶ୍ୱାସ, ଭରସା ଦେଇ ପରିଋଳନା କରାଯାଏ ତାହାଲେ ସଂସାର ଆପେ ଆପେ ସୁଧୁରି ଯିବ ।








# ଜୀବନ ରଥ : ଶ୍ରୀଜଗନ୍ନାଥ

◆ ଜନ୍ମେଜୟ ଲେଙ୍କା



ତୁମେ ଯଦି ପ୍ରାର୍ଥନା କରିବାକୁ ଚାହୁଁଛ, ଘରୁ ମଧ୍ୟ କରିପାରିବ' - ଭାରତର ସର୍ବୋଚ୍ଚ ଅଦାଲତର ମହାମହିମ ପ୍ରଧାନ ବିଚାରପତି ଓଡ଼ିଶାରେ ପୁରୀ ବ୍ୟତୀତ ଅନ୍ୟ ସ୍ଥାନରେ ରଥଯାତ୍ରା ନେଇ ଥିବା ଏକ ଆବେଦନରେ ଏହା ଉଲ୍ଲେଖ କରିଛନ୍ତି । କୋଟି କୋଟି ଓଡ଼ିଆଙ୍କ ଭକ୍ତି ଭାବନା, ଚିନ୍ତନ ଓ ଆଚରଣ ସବୁଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଚେତନାର ଏକ ସ୍ୱତନ୍ତ୍ରତା ରହିଛି । ଓଡ଼ିଶାରେ କୋଭିଡ଼ର ସଂକ୍ରମଣ କିଛି ମାତ୍ରାରେ ଥିବାବେଳେ ଏ କ୍ଷେତ୍ରରେ ଲୋକପ୍ରିୟ ନବୀନ ପଟ୍ଟନାୟକଙ୍କ ସରକାର ପ୍ରତିଟି ଜୀବନ ଯେ ମୂଲ୍ୟବାନ ତାହାର ବଡ଼ ଗୁରୁତ୍ୱ ରଖିଛନ୍ତି । ତେଣୁ ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ ବୋଲି ମାନ୍ୟବର ଅଦାଲତ ଏହା ସୂଚାଇଛନ୍ତି । ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀ ମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହ□ମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ । ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ । ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ । ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ । ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସ□ାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ । ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ । ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ । ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି । ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟି ରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ । ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ । ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ । ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି । ଶ୍ରୀପୁରୁଷୋତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା । ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ । ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ । ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା । କେବଳ ଧନୀ ବା ବି□ଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂ□ରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରି ପାରିବ । ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ ।

*ବାଇଶ ମୌଜା, ଅରଖପୁର, ବଡ଼ଚଣା, ଯାଜପୁର*

# ଶ୍ରୀଜଗନ୍ନାଥ ହିଁ ଶ୍ରୀରାମ



ପ୍ରସିଦ୍ଧ ଶ୍ରୀରାମ ଭକ୍ତ ସବୁ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ ଶୁଣି ତାଙ୍କର ଦର୍ଶନ ଲାଗି ପୁରୀ ଆସିଲେ । ସେ ଜାଣିଥିଲେ ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀବିଷ୍ଣୁଙ୍କ ଅବତାର । ଶ୍ରୀରାମ ଏବଂ ଶ୍ରୀଜଗନ୍ନାଥ ଏକ ତଥା ଅଭିନ୍ନ । ତେଣୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ଆସିଥିବା ତୁଳସୀ ଦାସ ଶ୍ରୀମନ୍ଦିରରେ ଦିଅଁ ଦର୍ଶନ କରିବାକୁ ଆସିଲେ । ଶ୍ରୀମନ୍ଦିରରେ ସେ ତିନି ଠାକୁରଙ୍କୁ ଦର୍ଶନ କଲେ । ହେଲେ ସେ ନିରାଶ ହେଲେ । କାରଣ ଶ୍ରୀଜଗନ୍ନାଥଙ୍କ ଠାରେ ସେ ଶ୍ରୀରାମଙ୍କ ଚିହ୍ନବର୍ଣ୍ଣ ଦେଖିପାରିଲେ ନାହିଁ । ଦୁଃଖ ମନରେ ତୁଳସୀ ଦାସ ଫେରିଆସିଲେ । ସେ ବାଇଶି ପାହାଚରୁ ଓହ୍ଲାଉଛନ୍ତି କି ନାହିଁ ମାଙ୍କଡଟିଏ ଆସି ତାଙ୍କ ଚଦର ଛଡ଼ାଇ ନେଇ ଚାଲିଗଲା । ସେତେବେଳକୁ ଅନ୍ଧାର ହୋଇସାରିଥାଏ । ତୁଳସୀ ଦାସ କ'ଣ କରିବେ ଜାଣିପାରିଲେ ନାହିଁ । ଏହି ସମୟରେ ଜଣେ ଦିବ୍ୟ ପୁରୁଷ ଆସି ତୁଳସୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ତାଙ୍କ ଠାରେ ଦିବ୍ୟ କାନ୍ତି ଥିଲା । ସେହି ପୁରୁଷ ଉକ୍ତ ମାଙ୍କଡ଼କୁ କହିଲେ, ତୁମେ ମହାତ୍ମାଙ୍କ ଚଦର ଫେରାଇ ଦିଅ । ସେହି ଦିବ୍ୟ ପୁରୁଷଙ୍କ କଥା ଶୁଣିବା ପରେ ମାଙ୍କଡ଼ ପାଖକୁ ଆସି ତୁଳସୀ ଦାସଙ୍କ ଚଦର ରଖିଦେଇ ଚାଲିଗଲା । ତୁଳସୀ ଦାସ ଆଶ୍ଚର୍ଯ୍ୟ ହେଲେ । ସେହି ରାତିରେ ସେ ଶ୍ରୀକ୍ଷେତ୍ରରେ ବିଶ୍ରାମ ନେଇଥାନ୍ତି । ତାଙ୍କୁ ନିଦ ଲାଗିଯାଇଥାଏ । ଏହି ସମୟରେ ସେ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ସ୍ୱୟଂ ଶ୍ରୀରାମ ଆସିଥାନ୍ତି । ଶ୍ରୀରାମ କହିଲେ, ନ୍ତତୁଳସୀ ! ତୁମେ ମୋତେ ଚିହ୍ନିପାରିଲ ନାହିଁ । ମୁଁ ଆଉ କେହି ନୁହେଁ ! ଶ୍ରୀରାମ, ମୁଁ ହିଁ ଶ୍ରୀଜଗନ୍ନାଥ । ତୁମକୁ ନିରାଶ ମନରେ ଫେରୁଥିବା ଦେଖି ମୁଁ ସହିପାରିଲିନି । ତୁମକୁ ଅଟକାଇବା ଲାଗି ଚେଷ୍ଟା କଲି । ତୁମ ଚଦର ଛଡ଼ାଇ ନେଇଥିବା ବାନରଟି ଅନ୍ୟ କେହି ନୁହେଁ ସ୍ୱୟଂ ହନୁମାନ । ସେହିପରି ଯେଉଁ ଦିବ୍ୟ ପୁରୁଷ ତୁମ ସମ୍ମୁଖରେ ଉଭା ହୋଇଥିଲେ, ସେ ବିଭୀଷଣ । ତୁଳସୀ ଏଥର ଶ୍ରୀଜଗନ୍ନାଥଙ୍କ ମହିମା ଜାଣିପାରିଲେ । ପରଦିନ ସେ ଆସି ଶ୍ରୀଜଗନ୍ନାଥଙ୍କୁ ଦେଖିବା କ୍ଷଣି ତାଙ୍କ ଠାରେ ନିଜ ଆରାଧ୍ୟ ଶ୍ରୀରାମଙ୍କ ଦର୍ଶନ କରି କୃତାର୍ଥ ହେଲେ । ବିଶ୍ୱାସ କରାଯାଏ ଯେ ପ୍ରତିଦିନ ରାତିରେ ଶ୍ରୀହନୁମାନ ଏବଂ ବିଭୀଷଣ ପୁରୀ ଆସି ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଭେଟିଥାଆନ୍ତି । ସେଦିନ ରାତିରେ ସେମାନେ ତୁଳସୀଦାସଙ୍କୁ ଦର୍ଶନ ଦେଇଥିଲେ ।

# 'ଗୁଣ୍ଡିଚା ନାମେ ମୋ ଯାତ୍ରା ପରନପାବନୀ, ରଥଯାତ୍ରା ନାମେ ଖାତ ହେବ ଯେ ଅବନୀ.....'

◆ବିପିନ ବିହାରୀ ରାଉତ



ଶ୍ରୀଜଗନ୍ନାଥ ଓଡ଼ିଶାର ସର୍ବଜନମାନ୍ୟ ରାଷ୍ଟ୍ରଦେବତା । ଓଡ଼ିଆ ଜାତିର ଧର୍ମ, କଳା, ସଭ୍ୟତା, ସଂସ୍କୃତି, ସାହିତ୍ୟ, ଦର୍ଶନ ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ ହେଉଛନ୍ତି ଜଗନ୍ନାଥ । ଜଗନ୍ନାଥ ଧର୍ମ ମୈତ୍ରୀ ଧର୍ମ-ଭାବ ହେଉଛି ବିଶ୍ୱଭ୍ରାତୃତ୍ୱଭାବ । ଜଗନ୍ନାଥ ଏ ଜାତିର ନେତା-ନିୟନ୍ତା ଓ ନିୟାମକ । ଏ ଜାତିର କେତେ ହସକାନ୍ଦି କେତେ ଲୁହ ଲୁହ କେତେ ହର୍ଷବିଷାଦ-କେତେ ଉତଥାନପତନ ସବୁଥିରେ ପ୍ରଭୁ ଜଗନ୍ନାଥ ଏ ଜାତିକୁ ତାର ବାହୁଛାୟାତଳେ ତୋଳି ଧରିଛି । ଅତଏବ ଏ ଗୁଣ୍ଡିଚା ଯାତ୍ରା ହେଉଛି ବାସ୍ତବରେ ମାନବବାଦର ଯାତ୍ରା । ଶ୍ରୀଜଗନ୍ନାଥ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥାରୋହଣ, ବଡ଼ଦାଣ୍ଡ ଭ୍ରମଣ, ରଥୋତ୍ସବ କାଳୀନ ବିଧାନ ମଧ୍ୟରେ ମାନବୋଚିତ ଜୀବନଚର୍ଯ୍ୟାର ସମସ୍ତ ଦିଗ ପାଳନପୂର୍ବକ ଅନୁସୃତ ହୋଇଥାଏ । ଏ ଯାତ୍ରା ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟଧାରା ସହିତ ଜଡ଼ିତ । ଜୈନ, ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବାଦି ଧର୍ମର ଧାରା ଓ ଦର୍ଶନକୁ ଆତ୍ମସ୍ଥ କରି ଦାରୁଦେବତା ବା ନାଗ ଓ ଶବରର ସମନ୍ୱୟର ଦେବତା ଜଗନ୍ନାଥରୂପେ ଶ୍ରୀମନ୍ଦିରରେ ଉଭା ହୋଇଛନ୍ତି । ତେଣୁ ଏ ଯାତ୍ରା ସତରେ ଶ୍ରୀଜଗନ୍ନାଥ ଧର୍ମଚେତନାର ଏକ ଅପୂର୍ବ ମାନବୀୟ ରୂପାୟନ । ପ୍ରସିଦ୍ଧ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ କେତେ ଯେ ମହାତ୍ମା ପୂଣ୍ୟାତ୍ମା ମହାପ୍ରଭୁଙ୍କ ଦର୍ଶନାର୍ଥେ ଶ୍ରୀକ୍ଷେତ୍ରକୁ ଆସିଛନ୍ତି, ତାର କଳନା ନାହିଁ । ଭଗବାନ ବୁଦ୍ଧଙ୍କ ଠାରୁ ଆଦି ଶଙ୍କାରାଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ସନ୍ଥକବିର, ରାମାନନ୍ଦ, ରାମାନୁଜ, ନାନକ, ଶ୍ରୀଚୈତନ୍ୟଙ୍କ ଠାରୁ ଭକ୍ତ ସାଲବେଗ ଓ ସିପୁଟି ଠାରୁ ବନ୍ଧୁ ମହାନ୍ତି, ଦାସିଆ ବାଉରୀ ପର୍ଯ୍ୟନ୍ତ ସମସ୍ତେ ଧାଇଁ ଆସିଛନ୍ତି ମହାପ୍ରଭୁଙ୍କ ଦର୍ଶନ ପାଇଁ । 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ' - ଅର୍ଥାତ୍ ରଥ ଉପରେ ବାମନରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ, ଆଉ ପୁନର୍ଜନ୍ମ ହୁଏ ନାହିଁ । ଅତଏବ ରଥାରୂଢ଼ ପତିତପାବନ ଜଗନ୍ନାଥ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ମାନବ ଧର୍ମ-ଦର୍ଶନକୁ ଏକାକାର କରି ସମନ୍ୱୟର ପ୍ରତୀକ ଭାବରେ ଉଭା ହୋଇଛନ୍ତି । ଏହା ଚେତନାର ଜନ୍ମବେଦୀରୁ ଆରମ୍ଭ ହୋଇ ଭକ୍ତର ହୃଦୟବେଦୀ ପର୍ଯ୍ୟନ୍ତ ଏ ଯାତ୍ରା ମହାବେଦୀ ଯାତ୍ରା ମହାମାନବ ମିଳନର ଯାତ୍ରା ବା ମୋକ୍ଷଯାତ୍ରା । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ । କାରଣ ରଥଯାତ୍ରା ସମୟରେ ଜଗନ୍ନାଥ ଦଶାବତାର ଧାରଣ କରୁଥିବାରୁ ଏହି ଯାତ୍ରାକୁ ଦଶାବତାର ଯାତ୍ରା ବୋଲି କୁହାଯାଏ । ଆଉ କେତେକ ଗବେଷକ



ଓ ଐତିହାସିକଙ୍କ ମତରେ ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ସହିତ ବାସୁଦେବ, ଜୟଦୁର୍ଗା, ଯୋଗମାୟା, ମଦନମୋହନ, ରାମକୃଷ୍ଣ - ଏହି ଦଶ ମୂର୍ତ୍ତି ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ଦଶାବତାର ଯାତ୍ରା କୁହାଯାଏ । ଏହା ବ୍ୟତୀତ ଗୁଣ୍ଡିଚାଯାତ୍ରା-ନବଦିନାତ୍ମିକାଯାତ୍ରା-ପତିତପାବନ ଯାତ୍ରା-ବ୍ରହ୍ମଯାତ୍ରା-ଜନକପୁରୀଯାତ୍ରା-ଆଡ଼ପଯାତ୍ରା ଭାବରେ ମଧ୍ୟ ଏହା ବିଦିତ । ଏ ସମ୍ପର୍କରେ 'ଜଗନ୍ନାଥ ପୁରଣ'ରେ ଉଲ୍ଲେଖ ଅଛି - 'ଗୁଣ୍ଡିଚା ନାମେ ମୋ ଯାତ୍ରା ପରନପାବନୀ, ରଥଯାତ୍ରା ନାମେ ଖାତ ହେବ ଯେ ଅବନୀ । ଜାତିଗୁଣ ନାମଧାମ ସବୁ ପଛକରି । ଏକୀଭୂତ ମନୋଭାବ ପୁଣ୍ୟଫଳଧରି । 'ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ରଥର ପାର୍ଶ୍ୱ ଦେବତାଙ୍କ ଗୁରୁତ୍ୱପୂର୍ଣ୍ଣ ପୂଜା ବିଧି ଓ ନୀତିକାନ୍ତି ରହିଛି । ପ୍ରଭୁଙ୍କ ରଥାରୋହଣ ପରେ ରଥ ଓ ପଥ ମଧ୍ୟ ଦେବତାର ପ୍ରାଧାନ୍ୟ ଲାଭ କରିଥାନ୍ତି । ଏହି ରଥ ତିନୋଟିରେ ବିଜେ ହୋଇଯାଆନ୍ତି ବହୁ ଦେବାଦେବୀ । ଯାହା ହୁଏତ ସ୍ଥୁଳ ଦୃଷ୍ଟିରୁ ଦେଖାଯାଏ ନାହିଁ କିନ୍ତୁ ଅନୁଭବ କରିହୁଏ ସୂକ୍ଷ୍ମଦୃଷ୍ଟିରେ । ପୁନଶ୍ଚ ପ୍ରତ୍ୟେକ ରଥର ତିନି ପାର୍ଶ୍ୱରେ ଅବସ୍ଥାନ କରନ୍ତି ପାର୍ଶ୍ୱ ଦେବତା । ତିନିରଥର ତିନୋଟି ଦିଗ ଅର୍ଥାତ୍ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଦିଗରେ ତିନୋଟି ଲେଖାଏଁ ମୋଟ ୨୭ ଜଣ ପାର୍ଶ୍ୱଦେବତା ଓ ୨ଜଣ ଲେଖାଏଁ ଦ୍ୱାରପାଳ ଶୋଭାବର୍ଦ୍ଧନ ରୂପକ ଅବସ୍ଥାନ କରିଥାନ୍ତି । ୨ ଫୁଟ ଉଚ୍ଚତା ଓ ଦେଢ଼ ଫୁଟ ଓସାରର ଏହି ପାର୍ଶ୍ୱ ଦେବତା ଆସ୍ଥାନଗୁଡ଼ିକରେ ଉକ୍ତ ରଥରେ ଆରୋହଣ କରିଥିବା ଠାକୁରଙ୍କ ଅବତାର ଗଣ ପ୍ରାୟତଃ ସୁଶୋଭିତ ହୁଅନ୍ତି । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଶିବ ଓ ବଳରାମଙ୍କର ଅବତାର ପୁରୁଷଗଣ ଆସ୍ଥାନ ଜମାଇଥିବାବେଳେ ଦେବଦଳନ ରଥରେ ସପ୍ତମାତୃକା ଓ ଦଶମହାବିଦ୍ୟାରୁ କେତେକ ଦେବୀ ପାର୍ଶ୍ୱଦେବୀ ସାଜିଥାନ୍ତି । ଏଥିସହିତ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଶ୍ରୀକୃଷ୍ଣ ଲୀଳା, ରାମଲୀଳା ଓ ମହାବିଷ୍ଣୁଙ୍କର ଲୀଳା ପ୍ରଭୃତି ଚିତ୍ରିତ ହୋଇଥାଏ । ରଥ ପାର୍ଶ୍ୱରେ ଅବସ୍ଥାପିତ ଏହି ପାର୍ଶ୍ୱଦେବତାମାନେ ବିଭିନ୍ନ ପୌରାଣିକ କିମ୍ବଦନ୍ତୀ ଓ ଇତିହାସକୁ ମନେ ପକାଇ ଦେଇଥାନ୍ତି । ଏହା ମଧ୍ୟ କୁହାଯାଇଥାଏ ଯେ ପାର୍ଶ୍ୱ ଦେବତାଗଣ ରଥକୁ ସୁରକ୍ଷା ଦେବୀ ନିମିତ ଆବାହନ କ୍ରମେ ଆସିଥାନ୍ତି । ରଥଯାତ୍ରା ଯେହେତୁ ଶ୍ରେଷ୍ଠ ଯାତ୍ରା ଭଗବାନ ଶ୍ରୀଜଗନ୍ନାଥ ଏଥିରେ ସମସ୍ତଙ୍କୁ ସାମିଲ କରାଇବାକୁ ଚାହିଁଥାନ୍ତି । ପୁନଶ୍ଚ ରଥଯାତ୍ରା ଅବସରରେ ବିଜେ କରୁଥିବା ଦେବାଦେବୀ ପ୍ରଭୃତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଧର ପଣା ଭଙ୍ଗା ନୀତି ଅନୁଷ୍ଠିତ ହୋଇଥାଏ । କେବଳ ଏହି ନୀତି ପାଇଁ ଠାକୁରେ ଗୋଟାଏ ଦିନ ରଥରେ ଅଧିକ ଅବସ୍ଥାନ କରିଥାନ୍ତି । ମହାପ୍ରଭୁ ଜଗନ୍ନାଥଙ୍କର ଏ ଆଷାଢ଼ ଉତ୍ସବ ସଂସାର ଜଞ୍ଜାଳରୁ ଶ୍ରଦ୍ଧାଳୁ ଭକ୍ତ ଦର୍ଶକମାନଙ୍କ ମୁକ୍ତିମୋକ୍ଷ, ନିର୍ବାଣପ୍ରାପ୍ତିର ପଥ ସୁଗମ କରିଦିଏ । କି ପବିତ୍ର ଏ ପୀଠ ଓ ତାର ପରମ୍ପରା, କି ମହାନ୍ ଏ ଯାତ୍ରା । ମନୁଷ୍ୟର ସ୍ୱାଭାବିକ ଜୀବନଚର୍ଯ୍ୟା ଭଳିଯାତ୍ରା । ମହାପ୍ରଭୁ ଏ ଜାତିର ଶ୍ରଦ୍ଧାଳୁ ମଣିଷ ମେଳରେ ରଥାରୂଢ଼ ହୋଇ ନଗର ଭ୍ରମଣ ବା ଯାତ୍ରା କରନ୍ତି । ତେଣୁ କୁହାଯାଏ - 'ଗୁଣ୍ଡିଚାଯାତ୍ରା ଏ ନାମ କଲେ ଉଚ୍ଚାରଣ, ତା'ର ଶତଜନ୍ମ ପାପ ହୁଅଇ ଦହନ ।'

*ତୁଳସୀପୁର କଟକ,*

# ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ, ମାଉସୀ ଓ ପୋଡ଼ପିଠା

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପଦକୁ ହୁଣ୍ଡନ ସଂସ୍କୃତ ଶବ୍ଦରୁ ଏହି ପହଣ୍ଡିର ସୃଷ୍ଟି । ସରଳ ଭାଷାରେ ବୁଝାଇ କହିଲେ ଆଗକୁ ଓ ପଛକୁ ପହୁଣ୍ଡ ପକାଇ ବିଜେ ହେବାକୁ ପହଣ୍ଡି ବିଜେ କୁହାଯାଏ । ସ୍ନାନ, ଗୁଣ୍ଡିଚା ଓ ବାହୁଡ଼ାରେ ଶ୍ରୀଜଗନ୍ନାଥ ଛ'ଥର ପହଣ୍ଡି ବିଜେ କରିଥାନ୍ତି । ଯଥା ସ୍ନାନ ଯାତ୍ରାରେ ଯିବା-ଫେରିବା, ରଥଯାତ୍ରାରେ ଯିବା-ଫେରିବା ଏବଂ ବାହୁଡ଼ା ଯାତ୍ରାରେ ଯିବା - ନିଳାଦ୍ରୀ ବିଜେରେ ମୁଖ୍ୟ ମନ୍ଦିରକୁ ଫେରିବା । ଏହି ପହଣ୍ଡି ଦୁଇ ପ୍ରକାରର, ଧାଡ଼ି ପହଣ୍ଡି ଓ ଗୋଟି ପହଣ୍ଡି । ପ୍ରଭୁ ଯାତ୍ରାକୁ ବାହାରିବା ବେଳେ ଧାଡ଼ି ପହଣ୍ଡିରେ ବିଜେ ହୋଇଥାନ୍ତି । ମନ୍ଦିରକୁ ଫେରିବାବେଳେ ଗୋଟି ପହଣ୍ଡିରେ ଆସିଥାନ୍ତି । ଏହି ଯାତ୍ରା ସମୟରେ ଘୋଷ ଘଂଟୁଆମାନେ ବିଭିନ୍ନ ଭଙ୍ଗୀରେ ଘଂଟ ବାଦନ କରିଥାନ୍ତି । କଥାରେ କହନ୍ତି ମା କିଏ ମାଉସୀ କିଏ ! ଆଉ ଇଏ ଶ୍ରୀଜଗନ୍ନାଥଙ୍କ ମାଉସୀ । ନାମ ଅର୍ଦ୍ଧାଶିନୀ ବା ଅର୍ଦ୍ଧଶୋଷଣୀ । ବାସ ସେଇ ଶ୍ରୀକ୍ଷେତ୍ର । କୀର୍ତ୍ତି ବି କିଛି କମ୍



ନୁହେଁ, ପ୍ରଳୟ ଜଳରୁ ଅର୍ଦ୍ଧେକ ଭକ୍ଷଣ କରି ସେ ମହିୟସୀ । ବାସ୍ ଏତିକିରେ ସରୁନାହିଁ ତାଙ୍କ କଥା । ସେ ଦେଖିବାକୁ ସାକ୍ଷାତ କାମ୍ପିଲ୍ୟ ବାସିନୀ ମା ସୁଭଦ୍ରାଙ୍କ ଭଳି । ଶ୍ରୀକ୍ଷେତ୍ରର ଅଷ୍ଟଶକ୍ତିଙ୍କ ମଧ୍ୟରେ ଅନ୍ୟତମ । ଅର୍ଦ୍ଧଶିନୀ ଦ୍ୱିଭୁଜା, ଅଭୟ ମୁଦ୍ରାରେ ବିଭୂଷିତା । ମାଉସୀ ମା'ଙ୍କ ମନ୍ଦିର ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡର ମଧ୍ୟବର୍ତ୍ତି ସ୍ଥାନରେ ଅବସ୍ଥିତ । ବାହୁଡ଼ା ଯାତ୍ରା ସମୟରେ ମାଉସୀ ମା ମନ୍ଦିରର ମହାପ୍ରଭୁଙ୍କୁ ପୋଡ଼ ପିଠା ଭୋଗ କରାଯାଏ । ମାଦଳାପାଞ୍ଜି ଅନୁଯାୟୀ ବଟକେଶରୀ ଏହାକୁ ନିର୍ମାଣ କରିଥିଲେ । କାହିଁ କେତେ ବର୍ଷରୁ ଚାଲିଛି ପୋଡପିଠା ଭୋଗ । ମହାପ୍ରଭୁ ଭାଇ ଭଉଣୀଙ୍କ ସହ ଗୁଣ୍ଡିଚାଘରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବା ବେଳେ ରାସ୍ତାରେ ହୁଏ ପୋଡ଼ପିଠା ଭୋଗ । ଏଥିପାଇଁ ତିନିରଥ ଅଟକିଯାଏ ବଡ଼ଦାଣ୍ଡରେ ଥିବା ମାଉସୀ ମା' ମନ୍ଦିର ସମ୍ମୁଖରେ । ତିନିରଥରେ ପୂଜା ପଣ୍ଡା ସେବକ ପୋଡ଼ପିଠା ଭୋଗ କରନ୍ତି । ସକାଳୁ ଖେଚୁଡ଼ି ଖାଇ ଶ୍ରୀଜୀଉମାନେ ବାହାରି ଥିବାରୁ ପ୍ରବଳ ଭୋକ ହୋଇଥାଏ । ଅର୍ଦ୍ଧଶନୀଙ୍କ ପୋଡପିଠା ଜଗତେ ଖ୍ୟାତ । ମହାପ୍ରଭୁ ବାହୁଡ଼ା ଯାତ୍ରା କରି ଫେରିବାବେଳେ ଏହି ପିଠା ଭୋଗହୁଏ । ଏଥିପାଇଁ ହେରା ପଂଚମୀ ପରଦିନରୁ ପ୍ରସ୍ତୁତି ପର୍ବ ଆରମ୍ଭ କରିବାକୁ ହୁଏ । ତିନି ରଥ ପାଇଁ ତିନୋଟି ପିଠା ହୋଇଥାଏ । ଏଥିରେ ଛେନା ଅଟା ଓ ଚିନି ପଡ଼ିଥାଏ ଏବଂ ଅଳେଇଚ ଲବଙ୍ଗ ପ୍ରଭୃତି ମସଲା ପଡ଼େ । ଏହି ପିଠାର ଆକାର ଗୋଲ । ମହାପ୍ରଭୁ ରଥ ଉପରେ ଥିବାବେଳେ ତଳୁ ଏହି ପିଠା ଦେଖାଇ ପୂଜା କରାଯାଏ । ଏହି ଭୋଗ ସମୟରେ ତିନିରଥରୁ ଆଜ୍ଞାମାଳ ଆସିଥାଏ । ମାଉସୀଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼ପିଠା ଖାଇବା ପରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ସନ୍ତୋଷ ଲାଭ କରନ୍ତି । ଏହାପରେ ପୋଡ଼ପିଠା ଭୋଗରୁ କାଣିଚାଏ ପାଇବାକୁ ସେଠାରେ ଦେଖାଦିଏ ଭକ୍ତଙ୍କ ଗହଳି ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ : ୯୪୩୭୦୩୧୨୫୩*

# ସନ୍ଥ ରାଘବ ଦାସ ଓ ଶ୍ରୀଜୀଉଙ୍କ ଟାହିଆ

ଜଗନ୍ନାଥ ସଂସ୍କୃତି ବିନା ଓଡ଼ିଆ ଜାତିର ଅସ୍ତିତ୍ୱ ନାହିଁ । ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ବଡ଼ଦେଉଳର ରତ୍ନସିଂହାସନରେ ବସି ଦୁଃଖିରଙ୍କିଙ୍କ ଡାକ ଶୁଣନ୍ତି । ଯାହାର ଯାହା ହାରି ଗୁହାରୀ ଓ ଭଲମନ୍ଦ ବୁଝନ୍ତି । ଭକ୍ତର ଅଭିଷ୍ଟ ମନୋବାଞ୍ଛା ପୂରଣ କରନ୍ତି । ସେଥିପାଇଁ ଭକ୍ତଟିଏ ଧାଇଁ ଯାଏ ଶ୍ରୀଜଗନ୍ନାଥଙ୍କୁ ଗୁହାରୀ ଜଣାଇବା ପାଇଁ । ହେଲେ ବର୍ଷକୁ ଥରେ ବଡ଼ ଠାକୁର ରଥଯାତ୍ରା ସମୟରେ ଧାଇଁ ଆସନ୍ତି ଭକ୍ତଙ୍କ ଦୁଃଖ ଶୁଣିବା ପାଇଁ । ଭକ୍ତଙ୍କୁ ଦର୍ଶନ ଦେବା ପାଇଁ । ଭକ୍ତ ସହିତ ଏକାକାର ହୋଇଯିବା ପାଇଁ । ମୁଣ୍ଡରେ ଟାହିଆ ବାନ୍ଧି ଝୁଲି ଝୁଲି ଆସି ଶ୍ରୀଜୀଉ ମାନେ ରଥାରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ବହୁଦିନ ତଳେ ଶ୍ରୀକ୍ଷେତ୍ରରେ ଦାରୁଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ପାଇଁ ତାଙ୍କର ପରମ ଭକ୍ତ ସନ୍ନ୍ୟାସୀ ରାଘବ ଦାସ ଥରେ ପୁରୀ ଆସିଲେ । ବହୁବାଟ ଚାଲି ଚାଲି ରାଘବ ଦାସ ଆସି ଶରଧାବାଲିରେ ପହଂଚିଲେ । ଚାଲି ଚାଲି ଗୋଡ଼ ଫୁଲି ଯାଇଥାଏ । ମନରେ ଥାଏ କିଭଳି ପ୍ରଭୁ ଚକାଡୋଳାଙ୍କୁ ଦର୍ଶନ କରିବି । ମୁଣ୍ଡ ଉପରେ ପ୍ରଚଣ୍ଡ ଖରା ପଡୁଥାଏ । ସନ୍ନ୍ୟାସୀ ରାଘବ ଦାସ ଅସୁସ୍ଥ ହୋଇ ପଡ଼ିଲେ । ଆଉ



ଚାଲି ପାରିଲେ ନାହିଁ । ସେହି ବାଲି ଉପରେ ବସିପଡ଼ିଲେ । ସେ ଭାବିଲେ ମୁଁ ଆଉ ଜଗନ୍ନାଥଙ୍କୁ ଦର୍ଶନ କରିପାରିବିନାହିଁ । ସେଇଠି ବସି ଜଗନ୍ନାଥଙ୍କ ସ୍ତୁତି ଗାନ କଲେ । ରାଘବ ଦାସଙ୍କ ମନକଥା ଅନ୍ତର୍ଯ୍ୟାମୀ ପ୍ରଭୁ କାଳିଆ ସାଆନ୍ତ ଜାଣିପାରିଲେ । ସେ ଗଜପତିଙ୍କୁ ସ୍ୱପ୍ନରେ କହିଲେ, ମୋର ପ୍ରିୟ ଭକ୍ତ ରାଘବ ଦାସ ଅଧାବାଟରେ ଶରଧାବାଲିରେ ରହିଛନ୍ତି । ତାଙ୍କୁ ମୋ ଦର୍ଶନ ପାଇଁ ଆଣ ଓ ସେଠାରେ ତାଙ୍କର ରହିବାର ବ୍ୟବସ୍ଥା କର । ସକାଳୁ ସକାଳୁ ରାଜା ଯାଇ ଦେଖିଲେ ରାଘବ ଦାସ ବାଲିରେ ବସି ଜଗନ୍ନାଥଙ୍କୁ ଆକୁଳ ନିବେଦନ କରୁଛନ୍ତି । ଚାଲିବାର ଶକ୍ତିନାହିଁ । ପରେ ରାଜା ତାଙ୍କୁ ଆଣି ଜଗନ୍ନାଥଙ୍କ ଦର୍ଶନ କରାଇଲେ । ଯେଉଁଠାରେ ସେ ଧାନରେ ବସିଥିଲେ, ସେଠାରେ ତାଙ୍କ ପାଇଁ ଏକ ଘର ତିଆରି କରିଦେଲେ । ସେହିଦିନୁ ସେଠାରେ ରାଘବ ଦାସ ମଠ ରହିଛି । ରାଘବ ଦାସ ଜଗନ୍ନାଥଙ୍କ ଦର୍ଶନ ପାଇଁ ନିଜକୁ କୃତାର୍ଥ ମନେ କଲେ । ରାଘବ ଦାସଙ୍କ ମଠ ତିଆରି ହେଲା । ପ୍ରତିଦିନ ସେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗଲେ । ରଥାଯାତ୍ରା ସମୟ ଆସିଲା, ରାଘବ ଦାସ ଜଗନ୍ନାଥଙ୍କୁ ଚାହିଁ ଅଶ୍ରୁପୂର୍ଣ୍ଣ ନୟନରେ ନିବେଦନ କଲେ ପ୍ରଭୁ ମୋତେ ଆପଣ ବାସ ଦେଲେ । ମୁଁ ଆପଣଙ୍କ ପାଇଁ ମୁକୁଟ ଦେବି । ତାଙ୍କ ମନୋବାଞ୍ଛା ପୂର୍ଣ୍ଣ ହେଲା ଓ ପ୍ରଭୁଙ୍କ ନିର୍ଦ୍ଦେଶ ଅନୁସାରେ ସେ ଟାହିଆ ପ୍ରସ୍ତୁତ କଲେ । ଟାହିଆରେ ସୋଲ, ଜମ୍ବୁରା, ତୁଳସୀ, ଦୟଣା, ଫୁଲ ଆଦି ବ୍ୟବହାର କଲେ । ଜଗନ୍ନାଥ ବାହାରକୁ ଆସିଲେ ସେହି ଟାହିଆ ବାନ୍ଧି ଝୁଲି ଝୁଲି ଆସନ୍ତି । ସେହିଦିନ ଠାରୁ ଶ୍ରୀଜିଉମାନଙ୍କ ପାଇଁ ବର୍ଷକୁ ୧୮ଟି ଟାହିଆ ରାଘବ ଦାସ ମଠ ତରଫରୁ ଯୋଗାଯାଉଛି । ସେହି ଟାହିଆରୁ ଖଣ୍ଡେ ଭକ୍ତିରେ ଆଣି ସାଇତି ରଖେ ଭକ୍ତ । ବିଶ୍ୱାସ ଅଛି ଟାହିଆ ଘରେ ସାଇତି ରଖିଲେ ସନ୍ତାନ ସନ୍ତତିଙ୍କୁ ଦୁଃଖ ପଡ଼େ ନାହିଁ । ଯେତେବଡ଼ ଦୁଃଖ ଆସିଲେ ମଧ୍ୟ ଦୂର ହୋଇଥାଏ ।

# ପୁଷ୍ଟି ସୁରକ୍ଷା ଦିଗରେ ବ୍ରିକ୍ସର ନୂଆ ପଦକ୍ଷେପ: ଖାଦ୍ୟ ଭଣ୍ଡାର ଉପରେ ଗୁରୁତ୍ୱ

ବିଶ୍ୱ ବ୍ୟାପୀ ଜଳବାୟୁ ପରିବର୍ତ୍ତନର ସଂକଟ ଏବଂ ଯୋଗାଣ ଶୃଙ୍ଖଳା ବ୍ୟାହତ ହେବା କାରଣରୁ ଆଜି ବିଶ୍ୱ ଖାଦ୍ୟ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହେଉଛି, ଯାହା ବ୍ରିକ୍ସ ସଂଗଠନ ପାଇଁ କିଛି ନୂଆ ଆହ୍ୱାନ ସୃଷ୍ଟି କରିଛି । ପୂର୍ବରୁ ଖାଦ୍ୟ ସଂରକ୍ଷଣକୁ କେବଳ ଏକ ଜରୁରୀକାଳୀନ ପଦକ୍ଷେପ ଭାବେ ଦେଖାଯାଉଥିଲା । କିନ୍ତୁ ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ବଜାର ଓ ସାମାଜିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । ଏବେ ଖାଦ୍ୟ ଭଣ୍ଡାରକୁ କେବଳ ସଂରକ୍ଷଣ ମଧ୍ୟରେ ସୀମିତ ନ ରଖି ପୋଷଣଗତ ସନ୍ତୁଳନ, ବଜାର ସ୍ଥିରତା ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ବ୍ୟବହାର କରିବା ଜରୁରୀ ହୋଇପଡ଼ିଛି ।

ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ରଣନୀତିକ ଖାଦ୍ୟ ସଂରକ୍ଷଣ **(strategic reserves)** ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ, ବର୍ତ୍ତମାନର ମୁଖ୍ୟ ପ୍ରଶ୍ନ ହେଉଛି ଜଳବାୟୁ ଓ ବାଣିଜ୍ୟିକ ଅନିଶ୍ଚିତତା ସହିତ କ୍ଷୁଧା ଓ କୁପୋଷଣ ଭଳି ନିରନ୍ତର ସମସ୍ୟାର ମୁକାବିଲା ପାଇଁ କେଉଁ ପ୍ରକାରର ଖାଦ୍ୟ ଶସ୍ୟ ଗଚ୍ଛିତ ରଖାଯିବା ଉଚିତ । ବିଶ୍ୱବ୍ୟାଙ୍କ-ବିଶ୍ୱ କୃଷି ସଂଗଠନ- ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ରିପୋର୍ଟ ୨୦୨୫ମସିହାର ମିଳିତ ରିପୋର୍ଟ - ରଣନୀତିକ ଖାଦ୍ୟଶସ୍ୟ ଭଣ୍ଡାରଣ ସୁଦୃଢ଼ିକରଣ ଏବଂ ଖାଦ୍ୟ ନିରାପତା ବୃଦ୍ଧି ଶୀର୍ଷକ ରିପୋର୍ଟ ଅନୁଯାୟୀ, ପୃଥିବୀର ୭୪ଟି ଦେଶର ପ୍ରାୟ ୩୪୩ ନିୟୁତ ଲୋକ ୨୦୨୪ ମସିହାରେ ଗୁରୁତର ଖାଦ୍ୟ ଅନିଶ୍ଚିତତାର ସମ୍ମୁଖୀନ ହୋଇଥିଲେ । ଏହା ବୈଶ୍ୱିକ ମହାମାରୀ କୋଭିଡ-୧୯ ପୂର୍ବରୁ ଖାଦ୍ୟ ସଂକଟର ସମ୍ମୁଖୀନ ହେଉଥିବା ମୋଟ ଲୋକମାନଙ୍କ ସଂଖ୍ୟାର ପ୍ରାୟ ଦୁଇଗୁଣ ବୋଲି ଜଣାପଡ଼ିଛି । ବିବିଧ ପର୍ଯ୍ୟାୟର ଆର୍ଥିକ ଆଶଙ୍କା ବାଣିଜ୍ୟରେ ବାଧା ସୃଷ୍ଟି କରିଛି ଏବଂ ଏହା କ୍ଷୁଧା ମାତ୍ରାକୁ ବୃଦ୍ଧି କରିଛି । ଏସବୁ ପୃଥିବୀରେ ଖାଦ୍ୟ ନିରାପତା ସକାଶେ ନୂଆ ନୂଆ ସଂକଟମାନ ସୃଷ୍ଟି କରିଚାଲିଛି ।

୨୦୨୬ ମସିହାରେ ଏହି ସଂକଟ ଆହୁରି ଉତ୍କଟ ଆକାର ଧାରଣ କରିଛି । ବିଶ୍ୱବ୍ୟାଙ୍କର ମତ ଅନୁସାରେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧର ତୈଳ ଏବଂ ରାସାୟନିକ ସାର ହର୍ମୁଜ ଷ୍ଟ୍ରେଟ ଦେଇ ପରିବହନ ହେବା କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇଛି । ବିଶ୍ୱର କୃଷି ଖାଦ୍ୟ ମୂଲ୍ୟ ଶୃଙ୍ଖଳରେ ହର୍ମୁଜ୍ ଷ୍ଟ୍ରେଟ୍ ଏକ ଅତି ଗୁରୁତ୍ୱପୂର୍ଣ୍ଣ ସଂଯୋଗ ପଥ । ୨୦୨୬ ମସିହା ଫେବୃଆରୀଠାରୁ ମାର୍ଚ୍ଚ ମାସ ମଧ୍ୟରେ ରାସାୟନିକ ସାର ମୂଲ୍ୟରେ ଦ୍ରୁତ ମୂଲ୍ୟବୃଦ୍ଧି ପରିଲକ୍ଷିତ ହୋଇଥିଲା । ମାତ୍ର ଗୋଟିଏ ମାସ ମଧ୍ୟରେ ୟୁରିଆ ସାର ମୂଲ୍ୟରେ ପ୍ରାୟ ୪୬ ପ୍ରତିଶତ ବୃଦ୍ଧି ଘଟିଥିଲା । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁସାରେ ଯଦି ଏଭଳି ଯୋଗାଣ ବ୍ୟାହତ ଜାରି ରହେ ତେବେ ପ୍ରାୟ ୪୫ ନିୟୁତ ଲୋକ ଦୁର୍ଭିକ୍ଷ ଆଡକୁ ଠେଲି ହୋଇଯିବେ ।

ବ୍ରିକ୍ସ ରାଷ୍ଟ୍ରମାନଙ୍କ ପାଇଁ ଏହା ଏକ ବିରାଟ ଚାଲେଞ୍ଜ ଭାବେ ଜଳଜଳ ଦୃଶ୍ୟମାନ । କାରଣ ଏହିସବୁ ରାଷ୍ଟ୍ରର ଅଧିକ ସଦସ୍ୟ ହେଉଛନ୍ତି କୃଷି ଉତ୍ପାଦକ ଏବଂ ରପ୍ତାନୀକାରୀ ତଥା ରାସାୟନିକ ସାରର ସବୁଠାରୁ ବଡ଼ ଉପଭୋକ୍ତା ।

କିନ୍ତୁ ଅତୀତରୁ ପ୍ରଚଳିତ ଏକ ଧାରା ରହି ଆସିଛି ଯେ ଖାଦ୍ୟ ଭଣ୍ଡାରଣ ଧିରେ ଧିରେ ଅଚଳ ବ୍ୟବସ୍ଥାରେ ପରିଣତ ହୋଇ ଚାଲିଛି । ପାରମ୍ପରିକ ଭାବେ ଖାଦ୍ୟ ଭଣ୍ଡାରଣ ସୃଷ୍ଟିର ଉଦ୍ଦେଶ୍ୟ ମୁଖ୍ୟତଃ ମୂଲ୍ୟ ସ୍ଥିର ରଖିବା ନିମନ୍ତେ ଅଥବା ସାମୟିକ ଖାଦ୍ୟ ସଂକଟର ମୁକାବିଲା କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା । କିନ୍ତୁ ଆଧୁନିକ କାଳରେ ଅପରପକ୍ଷରେ ଏହି ସମୟରେ ଅଧିକ ଜଟିଳ ହୋଇପଡ଼ିଛି । ଏଥିପାଇଁ କେବଳ ପର୍ଯ୍ୟାପ୍ତ ପରିମାଣର କାଲୋରୀ ଗ୍ୟାରେଂଟି ବ୍ୟବସ୍ଥା କରିବା ଆବଶ୍ୟକ ପଡୁନାହିଁ । ଅପରପକ୍ଷେ ସେସବୁ ଖାଦ୍ୟର ପୌଷ୍ଟିକ ସନ୍ତୁଳନ ସ୍ୱଭାବ, ଏହାକୁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ଏବଂ ଯୋଗାଣ ବ୍ୟାହତ ସମୟରେ ନିରବଚ୍ଛିନ୍ନ ଭାବେ ଏହା ଉପଲବ୍ଧ ହେବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ୟୁରୋପୀୟ କମିଶନଙ୍କ ସଂଶ୍ଳେଷଣ ରିପୋର୍ଟ ଅନୁସାରେ ଭଣ୍ଡାରଣ ଖାଦ୍ୟ ବ୍ୟବହାର ବୃଦ୍ଧି ଦ୍ୱାରା ଖାଦ୍ୟ ଓ ପୁଷ୍ଟି ନିରାପତାକୁ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ବୃଦ୍ଧି କରାଯାଇପାରିବ । ଖାଦ୍ୟ ଓ ପୁଷ୍ଟି ନିରାପତା ଖାଦ୍ୟଶସ୍ୟର ବାସ୍ତବ ଉପଲବ୍ଧତାଠାରୁ ଅଧିକ କିଛି କାର୍ଯ୍ୟ ସମ୍ପାଦନ କରିଥାଏ ।

ଏଭଳି ପରିବର୍ତ୍ତନ ବ୍ରିକ୍ସ ରାଷ୍ଟ୍ରମାନଙ୍କ ପରିପ୍ରେକ୍ଷୀରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି । କାରଣ ଏହିସବୁ ରାଷ୍ଟ୍ରମାନଙ୍କରେ ବିପୁଳ ପରିମାଣର ଖାଦ୍ୟ ସମ୍ପଦ ରହିଥିବା ସତ୍ୱେ ଖାଦ୍ୟାଭାବ ମଧ୍ୟ ଦେଖା ଦେଉଛି । ଉଦାହରଣ ସ୍ୱରୂପ ଭାରତ୨୦୨୪ ମସିହାଠାରୁ ୨୦୨୫ ପର୍ଯ୍ୟନ୍ତ ୩୫୩.୯୬ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିଛି, ଯାହାକି ଏକ ରେକର୍ଡ ବୋଲି କୁହାଯାଇପାରେ । କିନ୍ତୁ ସେହି ଅବଧିରେ ବିଶ୍ୱର ଏକ ସର୍ବବୃହତ ଖାଦ୍ୟ ନେଟ୍ୱାର୍କ ଭାବେ ମଧ୍ୟ ଏହା କାର୍ଯ୍ୟ କରୁଛି । ଏହି ତଥ୍ୟ ଭାରତ ସରକାରଙ୍କ ପ୍ରେସ୍ ସୂଚନା ବ୍ୟୁରୋ ପକ୍ଷରୁ ଜାରି ୨୦୨୫ ବ୍ୟାକଗ୍ରାଉଣ୍ଡରେ ସୂଚାଯାଇଛି । ଉତ୍ପାଦନଠାରୁ ଗୃହ ପର୍ଯ୍ୟନ୍ତ: ଖାଦ୍ୟଶସ୍ୟ ଭଣ୍ଡାରଣ ନିମନ୍ତେ ସହନଶୀଳ ଭିତିଭୂମି ନିର୍ମାଣ ଶୀର୍ଷକ ରିପୋର୍ଟରେ ଏହା ଦର୍ଶାଯାଇଛି ।

ଭାରତରେ ମୁଣ୍ଡ ଟେକୁଥିବା ଖାଦ୍ୟ ଭଣ୍ଡାରଣ ବ୍ୟବସ୍ଥା ଦର୍ଶାଏ ଯେ ଭଣ୍ଡାରଣ କରାଯାଇଥିବା ଖାଦ୍ୟଶସ୍ୟକୁ କିପରି ଅଧିକରୁ ଅଧିକ ମାତ୍ରାରେ ସଂଗ୍ରହ କରି ରଖାଯିବ ଏବଂ ସକ୍ରିୟ ପୁଷ୍ଟି ପରିଚାଳନା ଦିଗରେ ଏହାକୁ ପରିଚାଳନା କରାଯାଇପାରିବ । ଏହି ବୈଜ୍ଞାନିକ ପଦ୍ଧତିର ଭଣ୍ଡାରଣ, ଡିଜିଟାଇଜେନ, ବିକେନ୍ଦ୍ରୀକରଣ ଏବଂ ଜନ ବିତରଣ ବ୍ୟବସ୍ଥା ସହିତ ଏହାକୁ କିପରି ଏକ ସୁଯୋଗ ଭାବେ ବ୍ୟବହାର କରାଯିବ, ଏହି ପ୍ରକ୍ରିୟା ତାହା ସୂଚାଏ । ବିବିଧ ପ୍ରକାର ଭଣ୍ଡାରଣ ଖାଦ୍ୟକୁ ଜୈବ ସୁରକ୍ଷିତ କିସମ ଭାବେ ପ୍ରମୁଖ ଖାଦ୍ୟଶସ୍ୟ ଯଥା- ଚାଉଳ ଓ ଗହମ ଏବଂ ଡାଲିଜାତୀୟ ଶସ୍ୟ, ମିଲେଟ୍ ଓ ସୁରକ୍ଷିତ ଖାଦ୍ୟ ଭାବେ ନାମିତ କରାଯାଇଥାଏ । ଏହା ଦିନକୁ ଦିନ ଅଧିକ ଗୁରୁତ୍ୱପୂର୍ଣ୍ଣ ମହତ୍ୱ ବହନ କରୁଛି । କାରଣ ଭାରତ ଶସ୍ୟ ବିବିଧତାକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରୁଛି ଏବଂ ବିଶ୍ୱ ପୁଷ୍ଟି ଦୃଶ୍ୟପଟରେ ଏହା ଏକ ପ୍ରମୁଖ ରାଷ୍ଟ୍ରଭାବେ ମୁଣ୍ଡ ଟେକିଛି ।

ଅନୁରୂପ ଭାବେ ଚୀନ୍ ମଧ୍ୟ ନିଜର ରଣନୀତିରେ ଆବଶ୍ୟକ ପରିବର୍ତ୍ତନ ଘଟାଉଛି । ନିଜ ଦେଶରେ ଭଣ୍ଡାରଣ କରିଥିବା ଖାଦ୍ୟଶସ୍ୟ ଏବଂ ଏହାର ବିତରଣ ଧାରାକୁ ନିଜର ଖାଦ୍ୟବ୍ୟବସ୍ଥା ମଧ୍ୟରେ ଅଧିକ ସହନଶୀଳ କରୁଛି । ଚାଉଳ, ଗହମ ଏବଂ ମକାକୁ ବିପୁଳ ମାତ୍ରାରେ ଚୀନ୍ ସଂଗ୍ରହ କରି ଭଣ୍ଡାରଣ କରିଚାଲିଛି । ବେଜିଂ ବର୍ତ୍ତମାନ ଅଧିକ ସକ୍ରିୟ ଭାବେ ଭଣ୍ଡାରଣ ଉପରେ ଧ୍ୟାନ କେନ୍ଦ୍ରୀତ କରୁଛି । କୃତ୍ରିମ ପ୍ରଜ୍ଞାଯୁକ୍ତ ଖାଦ୍ୟ ମନିଟରିଂ ବ୍ୟବସ୍ଥା, ଶୀତଳଭଣ୍ଡାର ଲଜିଷ୍ଟିକ୍ସ ଏବଂ ନିଜସ୍ୱ ବିକଶିତ ବିହନ ଭଣ୍ଡାରଣ ହେଉଛି ଏହାର ମୂଳଲକ୍ଷ୍ୟ । ଏହା ବ୍ୟତୀତ ଖାଦ୍ୟ ଯୋଗାଣ ଚେନ୍ ମଧ୍ୟରେ ପୁଷ୍ଟିସାଧନ ନିରାପତାକୁ ସୁନିଶ୍ଚିତ କରିବା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ । ଏହା ଫଳରେ ଅମଳ ପରବର୍ତୀ ଖାଦ୍ୟଶସ୍ୟ ହାନି ଏବଂ ବିବିଧ ପ୍ରକାର ଖାଦ୍ୟଶସ୍ୟ ଉତ୍ପାଦନ ଲକ୍ଷ୍ୟ ହାସଲ କରାଯାଇପାରିବ ।

ରୁଷିଆ ଏହି ଦିଗରେ ଗ୍ରହଣ କରିଥିବା ଅଭିଯାନ ଆଉ ଏକ ଖାଦ୍ୟ ଭଣ୍ଡାରଣ ଦିଗ ଉପରେ ଆଲୋକପାତ କରେ । ଏହା ହେଉଛି ଭୂରାଜନୈତିକ ସହନଶୀଳତା । ରୁଷିଆର ବିଭିନ୍ନ ରାଜ୍ୟମାନେ ପରସ୍ପର ମଧ୍ୟରେ ଖାଦ୍ୟ ନିରାପତା ଏବଂ ରାଷ୍ଟ୍ରୀୟ ନିରାପତା ମଧ୍ୟରେ ସ୍ପଷ୍ଟ ସଂଯୋଗ ରକ୍ଷା କରନ୍ତି । ଫଳରେ ସେମାନେ ଅଧିକ ଖାଦ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ପ୍ରଦାନ କରନ୍ତି । ଘରୋଇ ଉତ୍ପାଦନ ବୃଦ୍ଧି ନିମନ୍ତେ କୃଷି କ୍ଷେତ୍ର ଉପରେ ରୁଷିଆ ଅଧିକ ଧ୍ୟାନ ଦେଉଛି । ଏହା ଫଳରେ ରୁଷିଆ ବିଶ୍ୱର ବିଭିନ୍ନ ରାଷ୍ଟ୍ରକୁ ବିଶେଷକରି ପଶ୍ଚିମ ଏସିଆ ଓ ଆଫ୍ରିକାକୁ ଖାଦ୍ୟଶସ୍ୟ ଓ ରାସାୟନିକ ସାରକୁ ଭୂ-ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି । ବର୍ତ୍ତମାନର ବିଶ୍ୱରେ ଯେତେବେଳେ କଟକଣା ଜାରି ଅଧିକରୁ ଅଧିକ ମହତ୍ୱ ବହନ କରୁଛି, ବାଣିଜ୍ୟ ସମ୍ପର୍କ ତୁଟି ଯାଉଛି ଏବଂ ରପ୍ତାନୀ ନିୟନ୍ତ୍ରଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି, ସେତେବେଳେ ଏଭଳି ଆଭିମୁଖ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଜଣାପଡ଼ିଛି ।

ଏ ଦିଗରେ ଦକ୍ଷିଣ ଆଫ୍ରିକାର କାର୍ଯ୍ୟପନ୍ଥା ଏକ ମୂଲ୍ୟବାନ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ । ସାମଗ୍ରିକ ଭାବେ ଖାଦ୍ୟ ଉପଲବ୍ଧତା ଉପରେ ଆଲୋକପାତ କରିବା ପରିବର୍ତେ ଦକ୍ଷିଣ ଆଫ୍ରିକାର ସମସ୍ୟାକୁ ଏହାର କ୍ରୟଶକ୍ତି ପ୍ରସଙ୍ଗ ଏବଂ ପୁଷ୍ଟି ଉପଲବ୍ଧତା ହାନି ଭାବରେ ବ୍ୟବହାର କରାଯାଇପାରେ । ଏ କ୍ଷେତ୍ରରେ ସରକାରଙ୍କ ଆଗ୍ରହ ପୁଷ୍ଟି-ସମ୍ବେଦନଶୀଳ ସାମାଜିକ ନିରାପତା ଆଡକୁ ଲମ୍ବିଯାଏ । ଏହା ବ୍ୟତୀତ ବିଦ୍ୟାଳୟ ମାନଙ୍କରେ ଚାଲିଥିବା ଖାଦ୍ୟ ଯୋଗାଣ ଯୋଜନା ଏଥିପାଇଁ ଖାଦ୍ୟଶସ୍ୟ ଆହରଣ ଏବଂ ଜଳବାୟୁ ନିରାପତା ମାଧ୍ୟମରେ ଗୋଷ୍ଠୀ ଖାଦ୍ୟ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ସମ୍ଭବପର ହୋଇପାରୁଛି । ଏପରି ପୃଷ୍ଠଭୂମିରେ ସଂରକ୍ଷିତ ଖାଦ୍ୟ ମାକ୍ରୋ ଅର୍ଥନୀତିକ ସ୍ଥିରତାର ଏକ ସାଧନ ହେବା ପରିବର୍ତେ ପୁଷ୍ଟି କାର୍ଯ୍ୟକ୍ରମ ପ୍ରବର୍ତ୍ତନର ଏକ ବଳିଷ୍ଠ ସାଧନ ଭାବେ ପ୍ରମାଣିତ ହେଉଛି ।

ଅଧିକନ୍ତୁ, ବିଶ୍ୱବ୍ୟାଙ୍କ-ଖାଦ୍ୟ ଓ କୃଷି ସଂଗଠନ- ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରିପୋର୍ଟ ରଣନୀତିକ ଖାଦ୍ୟ ଭଣ୍ଡାରଣ ଉପରେ ଅଧିକ ଗୁରୁତ୍ୱାରୋପ କରେ । ଏହା ସେତିକିବେଳେ ଅଧିକ ସକ୍ରିୟ ହୁଏ ଯେତେବେଳେ ତାହା ସ୍ୱଚ୍ଛ, ସରଳ ଏବଂ ସ୍ମାର୍ଟ ଭାବେ ପ୍ରବର୍ତନ କରାଯାଏ । ଏହା ଫଳରେ ଆପାତଃ ସମୟରେ ବଜାର ପରିଚାଳନା କାର୍ଯ୍ୟକୁ ସକ୍ରିୟତାର ସହିତ ସଂପାଦନ କରାଯାଇପାରିଥାଏ । ଅନୁରୂପ ଭାବେ ୟୁରୋପୀୟ କମିଶନଙ୍କ ସଂଶ୍ଳେଷଣ ଗୁରୁତ୍ୱର ସହିତ ଦର୍ଶାଏ ଯେ ଏହା ଏକ ଭଣ୍ଡାରଣ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଏହାର ପରିଚାଳନାକୁ ନିର୍ଦ୍ଧାରଣ କରିଥାଏ ଯେ ସଂରକ୍ଷିତ ଖାଦ୍ୟ - ଖାଦ୍ୟ ନିରାପତା ନୀତି ଉଦ୍ଦେଶ୍ୟକୁ ସହାୟକ କିମ୍ବା କ୍ଷତିକାରକ ହୋଇପାରିବ ।

ଏହା ଗୁରୁତ୍ୱପୂର୍ଣ୍ଣ, କାରଣ ବ୍ରିକ୍ସ ରାଷ୍ଟ୍ରମାନଙ୍କ ଉପରେ ଏହା ପ୍ରଭାବ ପକାଇଥାଏ । ସେମାନେ ପରସ୍ପର ମଧ୍ୟରେ ସହଯୋଗ କରି ସେମାନଙ୍କର ଖାଦ୍ୟ ନିରାପତା ସ୍ଥିତିକୁ ଅଧିକ ମଜବୁତ କରିପାରିବେ । ରାଜନୀତିକ ଦୃଷ୍ଟିକୋଣରୁ ଏକ ଚାଲେଞ୍ଜିଂ ବ୍ୟବସ୍ଥା ପରିବର୍ତେ ଏହାକୁ ଲଜିଷ୍ଟିକ୍ସ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ ରାଷ୍ଟ୍ରୀୟ ଭଣ୍ଡାରଣ ଭାବେ ବ୍ୟବହାର କରାଯାଇପାରିବ । ବ୍ରିକ୍ସ ଏକ ଅନ୍ତରାଷ୍ଟ୍ରୀୟ ସମନ୍ୱୟ ବ୍ୟବସ୍ଥା ଭାବରେ ହୁଏତ ନିଜକୁ ସମୃଦ୍ଧ କରିପାରେ ଏବଂ ଏହାର ଡାଟା ଆଦାନ ପ୍ରଦାନ, ସମନ୍ୱିତ ଭାବରେ ଇଲେକ୍ଟ୍ରୋନିକ୍ସ ଟ୍ରାକିଂ, ପ୍ରାଥମିକ ଚେତାବନୀ ବ୍ୟବସ୍ଥା ଏବଂ ଏକ ମାନ ନିର୍ଦ୍ଧାରିତ ଆହରଣ ଧାରା ତଥା ଭଣ୍ଡାରଣ ସଂସାଧନ ଉନ୍ନତିକରଣକୁ ସହାୟକ ହୋଇପାରେ ।

ଏହା ଉଲ୍ଲେଖ କରିବା ଜରୁରୀ ଯେ ଭବିଷ୍ୟତର ଖାଦ୍ୟ ଭଣ୍ଡାରଣକୁ ପୌଷ୍ଟିକ ବିବିଧତା ସହିତ ସଂଯୋଗ କରାଯିବା ଏକାନ୍ତ ଜରୁରୀ । ଯେଉଁ ଭଣ୍ଡାରଣ ମୁଖ୍ୟତଃ ଚାଉଳ ଏବଂ ଗହମ ଉପରେ ଆଧାରିତ ତାହା କଦାପି ନିହିତ କ୍ଷୁଧା ଓ ଅଣୁପୁଷ୍ଟିହୀନତା ବୃଦ୍ଧିକୁ ମେଂଟାଇ ପାରିବ ନାହିଁ । ତେଣୁ ଏହି ସ୍ୱାସ୍ଥ୍ୟ/ପୁଷ୍ଟି ଯୁକ୍ତ ଚାଉଳ ଓ ଗହମ ଭଳି ଜୈବ ସୁରକ୍ଷିତ ଚାଉଳ/ଗହମ, ଡାଲି, ମିଲେଟ୍, ପୁଷ୍ଟି ସୁରକ୍ଷିତ ଖାଦ୍ୟଶସ୍ୟ ସହିତ ବିବିଧ ଭାବେ ବିସ୍ତୃତ ହେବା ଏକାନ୍ତ ଜରୁରି । ଏହା ବ୍ରିକ୍ସ ରାଷ୍ଟ୍ରମାନଙ୍କୁ ନିଜର ଖାଦ୍ୟ ନିରାପତା କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସହିତ ସଂଯୋଜିତ କରିବାରେ ସହାୟକ ହେବ ।

ଆହୁରି ମଧ୍ୟ ଜରୁରୀ ଯେ ଖାଦ୍ୟଶସ୍ୟ ଭଣ୍ଡାରଣ ନିମନ୍ତେ ଜଳବାୟୁ ସହନଶୀଳତାକୁ ସୁନିଶ୍ଚିତ କରାଯିବା ଉଚିତ୍ । ବର୍ତ୍ତମାନ ଅଧିକାଂଶ ରାଷ୍ଟ୍ରରେ ଯେଭଳି ବନ୍ୟା, ମରୁଡ଼ି, ଝଡ଼ବାତ୍ୟା ଏବଂ ଗ୍ରୀଷ୍ମ ପ୍ରବାହର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇଚାଲିଛି, ସେପରି ସ୍ଥଳେ ଏହା ନିଶ୍ଚିତ କରାଯିବା ଅବଶ୍ୟକ ଯେ ସେହିସବୁ ସଂକଟ ଯେପରି ଖାଦ୍ୟଶସ୍ୟ ଉତ୍ପାଦନ ପ୍ରକ୍ରିୟା ଏବଂ ଭଣ୍ଡାରଣ ପଦ୍ଧତିକୁ କୌଣସି ରୂପେ ଆକ୍ରାନ୍ତ ନ କରେ । ଏହି ପରିପ୍ରେକ୍ଷୀରେ ସମସାମୟିକ ଭଣ୍ଡାରଣ ନିମନ୍ତେ ଏହା ଜରୁରୀ ଯେ ସେମାନେ କେବଳ ପାରମ୍ପରିକ ସମନ୍ୱୟ ଉପରେ ଧ୍ୟାନ କେନ୍ଦ୍ରିତ ନ କରି କୋଲ୍ଡ ଚେନ୍ ଭଣ୍ଡାରଣ ସୁବିଧାର ବିବିଧିକରଣ, ଆଇଓଟି ସକ୍ଷମ ମନିଟରିଂ ବ୍ୟବସ୍ଥା ଏବଂ ଆଦ୍ରତା ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ଧ୍ୟାନ ଦେବା ଆବଶ୍ୟକ ।



ଡକ୍ଟର ସ୍ୱାତୀ ନାୟକ

ବିଶ୍ୱ ଖାଦ୍ୟ ଭଣ୍ଡାରଣ ନୀତି ପରିପ୍ରେକ୍ଷୀରେ ବ୍ରିକ୍ସ ରାଷ୍ଟ୍ରମାନେ ନୀତି ତଥା କାର୍ଯ୍ୟଧାରା ପରିବର୍ତ୍ତନକୁ ରୂପାୟନ କରିବା ନିମନ୍ତେ ସବୁଠାରୁ ଉତମ ସ୍ଥିତିରେ ରହିଛନ୍ତି । ସଂଗଠିତ ଭାବେ ସେମାନେ ବିଶ୍ୱ ଖାଦ୍ୟଶସ୍ୟ ଉତ୍ପାଦନ, ରାସାୟନିକ ସାର ବ୍ୟବହାର, କୃଷିଜାତ ଉତ୍ପାଦନର ବାଣିଜ୍ୟ ଏବଂ ଯେଉଁ ଲୋକମାନେ ଆପଦା ସ୍ଥିତିରେ ଅଛନ୍ତି, ସେମାନଙ୍କୁ ସୁରକ୍ଷିତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ । ଉପଯୁକ୍ତ ଯୋଜନା ଦ୍ୱାରା ଖାଦ୍ୟଶସ୍ୟ ଭଣ୍ଡାରଣ ବ୍ୟବସ୍ଥାକୁ କେବଳ ପୁଷ୍ଟି ନିରାପତା ଦିଗରେ ଏକ ଆପାତ ସାଧନ ଭାବରେ ନୁହେଁ, ବରଂ ପାଣିପାଗ ଜନିତ ପରିବର୍ତ୍ତନକୁ ପ୍ରଭାବକୁ ମୁକାବିଲା କରିବା ଏବଂ ଭୂ-ରାଜନୈତିକ ସ୍ଥିରତା ସୁନିଶ୍ଚିତ କରିବା ଦିଗରେ ବ୍ୟବହାର କରାଯାଇପାରିବ ।

ଭବିଷ୍ୟତର ଖାଦ୍ୟ ଭଣ୍ଡାରଣ ବ୍ୟବସ୍ଥାର ସଫଳତା କେବଳ ଉପଯୁକ୍ତ ପରିମାଣର ଖାଦ୍ୟଶସ୍ୟ ମହଜୁଦ ରଖିବା ଉପରେ ନିର୍ଭରଶୀଳ ହେବ ନାହିଁ ବରଂ ସଂକଟ ସମୟରେ ସମାଜକୁ ସ୍ଥିର ଓ ନିରାପଦ ରଖିବା ଦିଗରେ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ଫଳରେ ଉତମ ପୁଷ୍ଟି ଯୋଗାଣ ସୁନିଶ୍ଚିତ ହୋଇପାରିବ । ଯାହା ଗରିବ ଲୋକମାନଙ୍କ ନିମନ୍ତେ ଏକାନ୍ତ ଜରୁରୀ । ଏହା ଫଳରେ ଆଂଚଳିକ ଖାଦ୍ୟ ଉତ୍ପାଦନ ବ୍ୟବସ୍ଥା ଉନ୍ନତ ହୋଇପାରିବ ଏବଂ ଦୁର୍ବଳ ବୈଶ୍ୱିକ ଖାଦ୍ୟ ଯୋଗାଣ ଶୃଙ୍ଖଳ ଉପରେ ନିର୍ଭରଶୀଳତା ମଧ୍ୟ ହ୍ରାସ ପାଇବ । ବ୍ରିକ୍ସ ରାଷ୍ଟ୍ରମାନଙ୍କ ନିମନ୍ତେ ଖାଦ୍ୟ ଭଣ୍ଡାରଣ ପ୍ରଶ୍ନ ଏହି ଦୃଷ୍ଟିରୁ କେବଳ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବା ଉପରେ ନିର୍ଭରଶୀଳ ନୁହେଁ, ବରଂ କିପରି ଏକ ସ୍ମାର୍ଟ ପୁଷ୍ଟି ଆଧାରିତ ଭଣ୍ଡାରଣ ବ୍ୟବସ୍ଥା ଗଠନ କରାଯିବ ତାହା ଉପରେ ଗୁରୁତ୍ୱାରୋପ କରିବା ଜରୁରୀ ।

**(ଲେଖକ- ସିଡ୍ ସିଷ୍ଟମ୍ସ ଏବଂ ଉତ୍ପାଦନ ପରିଚାଳନାର ଦକ୍ଷିଣ ଏସିଆ ମୁଖ୍ୟ ତଥା ଇଣ୍ଡିଆ କଂଟ୍ରି ମ୍ୟାନେଜର (ଅନ୍ତରୀଣ) ନର୍ମାନ ବୋର୍ଲୋଗ ଫିଲ୍ଡ ପୁରସ୍କାର ବିଜେତା (ବିଶ୍ୱ ଖାଦ୍ୟ ପୁରସ୍କାର) ୨୦୨୩, ଆନ୍ତର୍ଜାତିକ ଖାଦ୍ୟ ଗବେଷଣା ପ୍ରତିଷ୍ଠାନ)**

# ସର୍ବ ଭାରତୀୟ ୨୦୨୬ ନିଟ୍ ପରୀକ୍ଷାରେ ଜଳେଶ୍ୱରର ଛାତ୍ର ଦେବପ୍ରସାଦ ଦାସଙ୍କୁ ସଫଳତା

ଜଳେଶ୍ୱର (ନି ପ୍ର ) ସର୍ବଭାରତୀୟ ୨୦୨୬ ମସିହାର ନିଟ୍ ପରୀକ୍ଷା ଦେଇଥିବା ସମଗ୍ର ଦେଶ ବିଦେଶରେ ପ୍ରାୟ ୨୧ ଲକ୍ଷ ପରୀକ୍ଷାର୍ଥୀ ପରୀକ୍ଷା ଫଳ ଗତ କାଲି ରାତିରେ ପ୍ରକାଶ ପାଇଥିବା ବେଳେ ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଆରୁହା ଗ୍ରାମର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପିତା ପ୍ରସନ୍ନ କୁମାର ଦାସ ଏବଂ ମାତା ବୀଣାପାଣି ଦାସଙ୍କ ଏକମାତ୍ର ପୁତ୍ର ଦେବପ୍ରସାଦ ଦାସଙ୍କୁ ସଫଳତା ମିଳିଛି ।ଦେ୍ୱପ୍ରସାଦ ମୋଟ ୭୨୦ ନମ୍ବରରୁ ୫୮୧ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୧୭୬୪୪ ରାଙ୍କରେ ଥିଲା ବେଳେ ଜେନେରାଲ ଓପନ ରେଙ୍କରେ ୬୭୬୭ ରେଙ୍କ ରଖି ନିଜ ପାଇଁ ଏହି ଗୌରବ ଆଣିଛନ୍ତି ।ପ୍ରକାଶ ଥାଉକି ଓଡିଶା ସରକାରଙ୍କ ନୂତନ ସଂରକ୍ଷଣ ନିତି ଦ୍ୱାରା ଓଡିଶା ସରକାରୀ ମେଡିକାଲ୍ କଲେଜରେ ଜେନେରାଲ ସିଟ୍ ସଂଖ୍ୟା ୧୧୮୬ ରୁ କମିଯାଇ ୭୨୭ ରେ ପହଂଚିଛି ଯେଉଁଠି ଜେନେରାଲ ଓପନ ର ସିଟ୍ ସଂଖ୍ୟା ୫୨୫ ଥିଲା ।ତେଣୁ ଓଡିଶା ସରକାରଙ୍କ ନୂତନ ସଂରକ୍ଷଣ ନିତି ଜେନେରାଲ ପିଲାଙ୍କ ପ୍ରତି ଏକ ମୃଦୁ ପ୍ରହାର ବୋଲି ଦେ୍ୱପ୍ରସାଦ ଦୁଃଖ ସହକାରେ ପ୍ରକାଶ କରିଛନ୍ତି ।ଜଣେ ଭଲ ଡାକ୍ତର ହୋଇ ସମସ୍ତଙ୍କୁ ସେବା ଯୋଗାଇ ଦେବୀ । ତେଣୁ ସମସ୍ତ ଗୁରୁଜନ ମାନଙ୍କ ଠାରୁ ଆଶୀର୍ବାଦ କାମନା କରିଥିବା ବେଳେ ମୋର ପିତା ମାତା ଙ୍କ ମଧ ଅଶ୍ରିବାଦ ଭିକ୍ଷା କରୁଛି ।ପୁଅର ସଫଳତା ପାଇଁ ପିତା ପ୍ରସନ୍ନ କୁମାର ଦାସ ଏବଂ ମାତା ବୀଣାପାଣି ଦାସ ଈଶ୍ୱରଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ପୁଅର ଅଧବସାୟକୁ ପ୍ରଶଂସା କରିଛନ୍ତି ।୨୦୧୯ ମସିହାରେ ଆରୁହା ଉନ୍ନିତ ଉ.ପ୍ରା.ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ନବମ ଓ ଦଶମ ଶ୍ରେଣୀ ନବୋଦୟ ବିଦ୍ୟାଳୟ ରେ ପାଠ ପଢ଼ିସାରି ବିଜ୍ଞାନରେ ୨୦୨୩ ମସିହାରେ +୨ ପାସ କରି ୨୦୨୪ ମସିହାରୁ କଟକ ସ୍ଥିତ ଟେଟ୍ରା ହେଡ୍ରନ୍ କଲେଜରେ ମେଡିକାଲ କୁଚିଂ ନେଉଥିଲେ ।ଆରୁହା ପଂଚାୟତର ସରପଂଚ ତପନୀ ଭୂୟାଁ, ସମିତି ସଭ୍ୟା ମଧୁମିତା ମହାନ୍ତି, ନାଏବ ସରପଂଚ ବରୁଣ କୁମାର ଜେନା, ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା,ସାମ୍ବାଦିକ ମନୋଜ କୁମାର ଭୂୟାଁ,ସମାଜସେବୀ ଶ୍ରୀକଣ୍ଠ ମହାନ୍ତି,ହରନାରାୟଣ ଦାସ ମହାପାତ୍ର,ଅକ୍ଷୟ କୁମାର ବେହେରା,ମଧୁସୂଦନ ପ୍ରଧାନ,ରାଜେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଏହି ସଫଳତା ପାଇଁ ଦେ୍ୱ ପ୍ରକାଶ କୁ ଅଶ୍ରିବାଦ ପ୍ରଦାନ ସହିତ ସୁବେଚ୍ଛା ଜଣାଇଛନ୍ତି ।

# ସାରସକ୍ଷେତ୍ରରେ ଦୁଇଦିନିଆ ରଥଟଣା

ବାରିପଦା(ନି.ପ୍ର.)ପବିତ୍ର ଶ୍ରୀଗୁଣ୍ଡିଚା ଦିନ ପାରମ୍ପାରିକ ଭାବେ ସାରସକ୍ଷେତ୍ର ସାରସକଣା ଶ୍ରୀଜଗନ୍ନାଥ ପୀଠରେ ଆନନ୍ଦ ଉଲ୍ଲାସ ମଧ୍ୟରେ ବିପୁଳ ଭକ୍ତ ସମାଗମ ମଧ୍ୟଦେଇ ତା: ୧୬.୭.୨୦୨୬ ଓ ତା:୧୭.୭.୨୦୨୬ ଶୃଙ୍ଖଳାର ସହ ଦୁଇଦିନିଆ ରଥଟଣା ସମ୍ପନ୍ନ ହୋଇଛି । ରଥଯାତ୍ରାର ପ୍ରଥମ ଦିବସ ଅପରାହ୍ନ ଘ ୨.୩୦ ଟିକା ସଞ୍ଜୟ କୁମାର ଭୋଳଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବ ସଂକୀର୍ତ୍ତନ ଦଳର ଗଗନଭେଦୀ ହରିନାମ, ଜୟଧ୍ୱନି, ହରିବୋଲ ଏବଂ ମା'ମାଉସୀ ତଥା ସନ୍ଧ୍ୟାରାଣୀ ନାଏକ ଓ ପ୍ରତିଭା ସାହୁଙ୍କ ତଦାରଖରେ ଅଂଚଳର ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ସହାୟିକାମାନଙ୍କ ମିଳିତ ହୁଳହୁଳି ଓ ସର୍ବୋପରି ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ରଙ୍କ ଅଭିଭାବକତ୍ୱରେ ମା' ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ ସାରସକଣାର ଛାତ୍ରୀଙ୍କ ସମୂହ ଶଙ୍ଖଧ୍ୱନି ଭିତରେ, ପୀଠର ଶ୍ରୀଜୀଉଗଣ ଗୋଟି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ । ପହଣ୍ଡି କାର୍ଯ୍ୟକ୍ରମରେ ସେବା ଦେଇଥିଲେ ସର୍ବଶ୍ରୀ ଅମର ବିକାଶ ଷଡ଼ଙ୍ଗୀ, ଅବିନାଶ କର, ଅଜିତ ଷଡ଼ଙ୍ଗୀ, ସମ୍ବଦତ କର, ଅତନୁ କର, ନାରାୟଣ ମହାକୁଡ଼, ପ୍ରଶାନ୍ତ କୁମାର ସାହୁ, ନବକିଶୋର ସେଠୀ, ମନରଞ୍ଜନ ସାହୁ, ରତିକାନ୍ତ ସେଠୀ, ତପନ କୁମାର ଦଣ୍ଡପାଟ, ସୁବାସ ଚନ୍ଦ୍ର ସାହୁ ଓ ଦୁର୍ଗା ପ୍ରସାଦ ନନ୍ଦୀ ପ୍ରମୁଖ । ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆବାହନି ବେଦପାଠ, ପୂଜା ନିବେଦନ କରିଥିଲେ ଦେଉଳ ପୁରୋହିତ ଶାସ୍ତ୍ରଜ୍ଞ ପଣ୍ଡିତ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର ଓ ଦିବ୍ୟ ସୁନ୍ଦର କର ।

ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ସାମ୍ବାଦିକ ଓ ଶ୍ରୀଜଗନ୍ନାଥ ଭକ୍ତ ଡଃ ବିଜୟ କୁମାର ଅଗ୍ରୱାଲ ରଥରେ ଛେରାପହଁରା କରିଥିଲେ । ପବିତ୍ର କାର୍ଯ୍ୟରେ ସହଯୋଗ କରିଥିଲେ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଡଃ ଉପେନ୍ଦ୍ର ନାଥ ସାହୁ, ଯତୀନ ଚନ୍ଦ୍ର ସାହୁ, ବନାନୀ ମହାପାତ୍ର ଓ ସୁଧୀ ରଞ୍ଜନ ସାହୁ । ପୀଠରୁ ନିୟମିତ ଭାବେ ପ୍ରକାଶ ପାଇ ଆସୁଥିବା ଆଧ୍ୟାତ୍ମିକ ସାହିତ୍ୟ ପତ୍ରିକାର ପଂଚବିଂଶବର୍ଷ ସଂଖ୍ୟା 'ହୋ' ଭଗତେ -୨୦୨୬' ରଥୋପରେ





ଶ୍ରୀଦିଅଁଗଣଙ୍କ ପଦ୍ମପାଦରେ ନିବେଦନ ପୂର୍ବକ ମାନ୍ୟବର ସ୍ଥାନୀୟ ବିଧାୟକଶ୍ରୀ ଭାଦବ ହାଁସଦାଃ, ଜିଲ୍ଲା ଉନ୍ନୟନ ଯୋଜନା ଅଧକ୍ଷ ମୟୂରଭଞ୍ଜ ମାନନୀୟ ଡାକ୍ତର୍ ବୁଡାନ ମୁର୍ମୁ ଓ ଠାକୁରଙ୍କ ଛେରାପହଁରାର ନିମନ୍ତ୍ରିତ ସେବକ ଡଃ ଅଗ୍ରୱାଲ ଆଦିଙ୍କ କରକମଳରେ ଲୋକାର୍ପିତ ହୋଇଥିଲା । ଉନ୍ମୋଚନରେ ସହାୟତା କରିଥିଲେ ରଥର ଧାରା ବିବରଣୀ ଦେଉଥିବା ଶ୍ରୀଜଗନ୍ନାଥ ସଂସ୍କୃତି ଭାଷ୍ୟକାର ଅଧାପକ ସମରେନ୍ଦ୍ର କୁମାର ବଶା ଓ ଡଃ ଶଶିଧର ବିଶ୍ୱାଳ । ରଥଟଣାର ଗତି ନିୟନ୍ତ୍ରଣ ପାଇଁ ବିଶେଷ ଧ୍ୟାନ ଦେଇଥିଲେ ହିମାଂଶୁ ଶେଖର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଅତୁଲ ଚନ୍ଦ୍ର ଦାସ ଓ ତପନ କୁମାର ସାହୁ (ତପ) । ସହଯୋଗ କରିଥିଲେ ରଥ ମହାରଣା ଗୋଲକ ଦଣ୍ଡପାଟ, ମୋହନା ବେହେରା, ରବି ବେହେରା ଓସୁରୁ ସିଂ । ପ୍ରଥମ ଦିବସରେ ଅଧାଟଣା ହୋଇ ବଡ଼ଦାଣ୍ଡରେ ଅଟକିଥବା ରଥ, ପରମ୍ପରା ଅନୁଯାୟୀ ଦ୍ୱିତୀୟ ଦିନ ଅପରାହ୍ନରେ କେବଳ ମହିଳାମାନେ ଟାଣି ମାଉସୀ ମା' ମନ୍ଦିର ଆଗରେ ପହଂଚାଇଥିଲେ । ଝାରପୋଖରୀଆ ପୋଲିସ ବାହିନୀ ଭକ୍ତଭିଡର ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଅଧାପକ ମାନସ କୁମାର ପତି, ଶରତ କୁମାର ପଢିଆରୀ, ବିନୟ କୁମାର ଗିରି,ଡଃ ଚନ୍ଦ୍ରାବତୀ ମହାପାତ୍ର ଏବଂ ଯୋଗେଶ୍ୱର ବେହେରାଙ୍କ ନେତୃତ୍ୱ ଓ ତତ୍ୱାବଧାନରେ ଶରତ ପାଲ ମହା ବିଦ୍ୟାଳୟ ଓ ସୀମାନ୍ତ ମହା ବିଦ୍ୟାଳୟର ଅନୁନ୍ୟ ପ୍ରାୟ ସତୁରି ଜଣ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ । ସାରସକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମଧ୍ୟ ଶୃଙ୍ଖଳା ରକ୍ଷାରେ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଯାତ୍ରାର ଭକ୍ତମାନଙ୍କୁ ସରବତ ଓ ପାନୀୟ ଜଳ ସେବା ଯୋଗାଇ ଥିଲେ ବମ୍ନେଚ୍ଛକ ଝାରପୋଖରୀଆ ବ୍ରିଗେଡ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ । ଶୃଙ୍ଖଳିତ ରଥଯାତ୍ରା ପାଇଁ ମନ୍ଦିର ପରିଚାଳନା ତରଫରୁ ପଦ୍ମନାଭ ସାହୁ ସ୍ଥାନୀୟ ପ୍ରଶାସନ, ଝାରପୋଖରୀଆ ପୋଲିସ୍ ବାହିନୀ, ଅଗ୍ନିଶମ ବିଭାଗ, ସ୍ଥାନୀୟ ସ୍ୱାସ୍ଥ୍ୟ ସେବାଧିକାରୀ, ସ୍କୁଲ, କଲେଜର ଅଧ୍ୟକ୍ଷ ଓ ଅଧାପକ/ଅଧାପିକା, ଶିକ୍ଷକ ଶିକ୍ଷୟିତ୍ରୀ, ଆଚାର୍ଯ୍ୟ/ଗୁରୁମା', ଗଣମାଧ୍ୟମ ପ୍ରତିନିଧି, ଉତ୍ସବର ଦ୍ୱିତୀୟ ଦିନ ଆସି ସେବା ପ୍ରଦାନ କରିଥିବା ଓଡ଼ିଶା ଡ୍ରାଇଭର ମହାସଂଘର ସଦସ୍ୟ/ସଦସ୍ୟା ଓ କର୍ମକର୍ତା, ସ୍ଥାନୀୟ ଜନସାଧାରଣ, ଶ୍ରୀଜଗନ୍ନାଥ ଭକ୍ତ, ପୀଠର ପ୍ରମୁଖ ସକ୍ରିୟ ସେବକ ସେବିକା ଓ ସଭ୍ୟ/ସଭ୍ୟା, ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ।





# ଡିଜିଟାଲ ରୂପାନ୍ତରଣ ଦିଗରେ ଉତ୍କଳ ବିଶ୍ୱବିଦ୍ୟାଳୟର ବଡ଼ ପଦକ୍ଷେପ

ଭୁବନେଶ୍ୱର,: ଉତ୍କଳ ବିଶ୍ୱବିଦ୍ୟାଳୟ ଏହାର ନବରୂପରେ ସଜ୍ଜିତ ଅଧିକୃତ ୱେବସାଇଟ୍ ସହ ଅତ୍ୟାଧୁନିକ ଡିଜିଟାଲ ସେବା ପ୍ଲାଟଫର୍ମଗୁଡ଼ିକର ଶୁଭାରମ୍ଭ କରି ଡିଜିଟାଲ ପ୍ରଶାସନକୁ ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକ, ଗବେଷକ, ପୂର୍ବତନ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ପାଇଁ ସେବାକୁ ଅଧିକ ସହଜ ଓ ସୁବିଧାଜନକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ।କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କ ଦ୍ୱାରା ଅଧ୍ୟାପକ, ଅଧିକାରୀ, ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି ଡିଜିଟାଲ ବ୍ୟବସ୍ଥା ଉନ୍ମୋଚିତ ହୋଇଯାଇଛି । ଏହି ପଦକ୍ଷେପ ଅଧୀନରେ ବିଶ୍ୱବିଦ୍ୟାଳୟର ନବକଳେବର ପ୍ରାପ୍ତ ଅଧିକୃତ ୱେବସାଇଟ୍ 'ଉତ୍କଳ ଦର୍ପଣ', ଅନଲାଇନ୍ ଛାତ୍ର ଅଭିଯୋଗ ନିରାକରଣ ବ୍ୟବସ୍ଥା 'ଇ-ପ୍ରତିକାର' ଏବଂ ନାକ୍ (ଘଇଇଉ) ମାନଦଣ୍ଡ ଆଧାରିତ ବିଶ୍ୱବିଦ୍ୟାଳୟର ସମନ୍ୱିତ ଡ୍ୟାସବୋର୍ଡ 'ଇ-ସମୀକ୍ଷା'ର ମଧ୍ୟ ଶୁଭାରମ୍ଭ କରାଯାଇଛି । ଏହି ଡ୍ୟାସବୋର୍ଡ ମାଧ୍ୟମରେ ଛାତ୍ରଛାତ୍ରୀ, ଅଧ୍ୟାପକ, ବିଭାଗ ଏବଂ ବିଶ୍ୱବିଦ୍ୟାଳୟ ପ୍ରଶାସନର ସଫଳତାର ଦସ୍ତାବିଜୀକରଣ ଓ



ନିରନ୍ତର ସମୀକ୍ଷା କରାଯିବ ।ଏହି ଅବସରରେ କୁଳପତି ପ୍ରଫେସର ନନ୍ଦ କହିଥିଲେ ଯେ, ନୂତନ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଓଡ଼ିଶା ତଥା ଦେଶର ବିଭିନ୍ନ ପ୍ରାନ୍ତର ଲୋକ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଅଧିକ ସୂଚନା ପାଇପାରିବେ । ଆଧୁନିକ ୱେବସାଇଟ୍ ମାଧ୍ୟମରେ ଶୈକ୍ଷିକ ଓ ପ୍ରଶାସନିକ ସୂଚନା ସହଜରେ ଉପଲବ୍ଧ ହେବା ସହ ଛାତ୍ରଛାତ୍ରୀମାନେ ପ୍ରଯୁକ୍ତିନିର୍ଭର ଅଭିଯୋଗ ନିରାକରଣ ବ୍ୟବସ୍ଥା ମାଧ୍ୟମରେ ସିଧାସଳଖ ପ୍ରଶାସନ ସହ ଯୋଗାଯୋଗ କରି ଶୀଘ୍ର ସମାଧାନ ପାଇପାରିବେ ।ସେ କହିଥିଲେ ଯେ, ଏହି ପଦକ୍ଷେପ ବିଶ୍ୱବିଦ୍ୟାଳୟର ସ୍ୱଚ୍ଛତା, ଡିଜିଟାଲ ନବସୃଜନ ଏବଂ ଶୈକ୍ଷିକ ଉତ୍କର୍ଷ ପ୍ରତି ଥିବା ପ୍ରତିବଦ୍ଧତାର ପ୍ରତିଫଳନ ।କମ୍ପ୍ୟୁଟର ସେଂଟରର ପ୍ରଭାରୀ ପ୍ରଫେସର ମୃତ୍ୟୁଞ୍ଜୟ ପଣ୍ଡା କହିଥିଲେ ଯେ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅନ୍ୟାନ୍ୟ ହିତାଧିକାରୀମାନଙ୍କୁ ଆଡମିଶନ ସମ୍ପର୍କିତ ସୂଚନା, ଅଧ୍ୟାପକଙ୍କ ପ୍ରୋଫାଇଲ, ଶୈକ୍ଷିକ ତଥ୍ୟ ଓ ଅନ୍ୟାନ୍ୟ ସେବା ସହଜରେ ଉପଲବ୍ଧ କରାଇବା ପାଇଁ ବିଶ୍ୱବିଦ୍ୟାଳୟ ଏହାର ଡିଜିଟାଲ ଭିତିଭୂମିକୁ ଆହୁରି ସୁଦୃଢ଼ କରିବ । ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ପ୍ରଶାସନିକ ଆବଶ୍ୟକତା ଅନୁଯାୟୀ ଏହି ଡିଜିଟାଲ ବ୍ୟବସ୍ଥାର କ୍ରମାଗତ ବିକାଶ ଜାରି ରହିବ । ଏହି ନୂତନ ୱେବସାଇଟ୍ ଓ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ଉପାଚାର୍ଯ୍ୟ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କ ମାର୍ଗଦର୍ଶନରେ ବିକଶିତ ହୋଇଥିବାବେଳେ ପ୍ରଫେସର ମୃତ୍ୟୁଞ୍ଜୟ ପଣ୍ଡା ଏହାର ତଦାରଖ କରୁଛନ୍ତି । ଭୁବନେଶ୍ୱରସ୍ଥିତ ଘଓଉ ଙଔଉର ବୈଜ୍ଞାନିକ-ଏଫ୍ ଓ ବରିଷ୍ଠ ନିର୍ଦ୍ଦେଶକ (ଆଇଟି) ଶ୍ରୀ ସମ୍ବିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ବୈଷୟିକ ସହଯୋଗ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ମଧ୍ୟ ବିଶ୍ୱବିଦ୍ୟାଳୟର ଡିଜିଟାଲ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାରେ ସମ୍ପୂର୍ଣ୍ଣ ସହଯୋଗ ଜାରି ରହିବ ବୋଲି ଘଓଉ ପକ୍ଷରୁ ଆଶ୍ୱାସନ ଦିଆଯାଇଛି । ଏହି ପଦକ୍ଷେପ ଏକ ସ୍ୱଚ୍ଛ, ପ୍ରଯୁକ୍ତିନିର୍ଭର ଓ ଛାତ୍ରକୈନ୍ଦ୍ରିକ ବିଶ୍ୱବିଦ୍ୟାଳୟ ଗଠନ କରିବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦୃଷ୍ଟିଭଙ୍ଗୀକୁ ଆହୁରି ସୁଦୃଢ଼ କରିବା ସହ ପ୍ରତିଷ୍ଠାନିକ ପ୍ରଶାସନ ଓ ଜନସମ୍ପୃକ୍ତିକୁ ଅଧିକ ଶକ୍ତିଶାଳୀ କରିବ ।


OFFICE OF THE NOTIFIED AREA COUNCIL:CHANDBALI
Pin:-756133 (Odisha)
E.Mail:chandbali.nac@gmail.com

13001/1213/2627

E-Procurement Notice

Tender Call Notice No- [illegible] /CNB/01/2026-27/Date – [illegible]

1. Name of the Work : Individual Civil Construction works as published the website.
2. No of works put to tender : 1 Nos. individual works
3. Estimated cost : Rs. 793.02 Lakhs
4. Period of completion : 11 ( Eleven) Calender Month .
5. Date and time of availability : from 11.00 hours of Dt. 17/07/2026 to 17.00 hour of of bid document in the portal Dt. 04/08/2026.
6. Last date/Time for receipt of bids : 17.00 hours of Dt. 04/08/2026
7. Date and time of opening of technical bid : 11.00 hours of Dt. 05/08/2026
8. Name and address of the Officer Inviting Bid : Executive Officer, Chandbali NAC, Chandbali

Further details can be seen from the e-procurement portal https://tenderorissa.gov.in

Sd/-
Executive Officer
Chandbali NAC

OIPR.13001/13129/1/26-27/0003



OFFICE OF THE PANCHAYAT SAMITI, BASUDEVPUR
At/Po: Basudevpur, Dist: BhadrakEmail: ori-basudevpur@nic.in
19001/152/2627
Letter No: [illegible] /Date: 15/07/2026

Tender Call Notice-02/2026-27

1. Name of the Project :- "Construction of Saheed Pitha at Eram
2. Total No of Project :- 01 No
3. Class of Contractor :- "B" Class
4. Period of Completion :- 6 Calender Months
5. Other details :- As per DTCN.

| Sl No | Procurement Officer | Available Tender On-line for bidding | | Last date of receipt of Bids | Date & time of opening of Technical Bid | Date & time of opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| 1 | Block Development Officer, Basudevpur | 17.07.2026 | 05.08.2026 | 05.08.2026 1.30 PM | 05.08.2026 3.30 PM | 12.08.2026 3.30 PM |

6. Further details can be seen from the website portal "https:// www.bhadrak.odisha.gov.in
7. Any other changes/Corrigendum/Addendum may be seen only in website www.bhadrak.odisha.gov.nic.in

Sd/-
Block Development Officer
Basudevpur

OIPR.19001/19306/1/26-27/0001


# ନିଳଗିରିର ଜ୍ୟୋତିପ୍ରକାଶ ମହାନ୍ତି ସର୍ବଭାରତୀୟସ୍ତରରେ ୧୪, ୨୩୧ ରେଙ୍କ୍

ନିଳଗିରି,(ନି.ପ୍ର.),ନିଳଗିରି ଏନ୍ ଏ ସି ର କଦମସାହି ଗ୍ରାମର ଭାସ୍କର ଚନ୍ଦ୍ର ମହାନ୍ତି ଓ ସ୍ୱର୍ଗତ ସୁଜାତା ମହାନ୍ତି ଙ୍କ ଏକ ମାତ୍ର ପୁଅ ଜ୍ୟୋତିପ୍ରକାଶ ମହାନ୍ତି ନିଟ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୪,୨୩୧ ରେଂକ୍ ରେ ରହି ନିଳଗିରି ପାଇଁ ସୁନାମ ଅର୍ଜନ କରିଛନ୍ତି । ଜ୍ୟୋତି ପ୍ରକାଶ ମହାନ୍ତି ମେଟ୍ରିକ୍ ପରୀକ୍ଷା ରାୟଗଡ଼ା ଜିଲ୍ଲାର ଆନ୍ଧ ଦୋଳା ଶିଶୁ ମନ୍ଦିରରେ ପାସ୍ କରିଥିବା ବେଳେ ଯୁକ୍ତ ଦୁଇ ପରୀକ୍ଷା ଗଞ୍ଜାମ ଜିଲ୍ଲାର ନୀଳକଣ୍ଠ ନଗର ଶିଶୁ ମନ୍ଦିରରେ ପଢ଼ି ଉତୀର୍ଣ୍ଣ ହେବା ପରେ ଏକ ବର୍ଷ ନିଟ୍ କୋଚିଙ୍ଗ ଭୁବନେଶ୍ୱର ଆକାଶ ରେ ନେଇ ଚଳିତବର୍ଷ ନୀଟ ପରୀକ୍ଷା ଦେଇଥିଲା । ଶେଷରେ ସର୍ବଭାରତୀୟ ସ୍ତରରେ ୧୪୨୩୧ ରେଂକ ରଖି ଅଂଚଳ ତଥା ପରିବାର ପାଇଁ ଗୌରବ ଆଣିଛନ୍ତି । ବାପା ପ୍ରାଥମିକ ଶିକ୍ଷକ ଭାବେ ଅବସର ନେଇଛନ୍ତି ।

# ବ୍ରହ୍ମପୁର ମହାନଗର ନିଗମରେ ଆବଶ୍ୟକୀୟ ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତି ସହ ମ୍ୟାଚିଙ୍ଗ ଗ୍ରାଂଟ ଏବଂ ଆର୍ଥିକ ସହାୟତା ଦାବି

ବ୍ରହ୍ମପୁର (ନି.ପ୍ର.): ବୃହତ ବ୍ରହ୍ମପୁର ମହାନଗର ନିଗମରେ ଲାଗିରହିଥିବା ଆବଶ୍ୟକୀୟ ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ଓ ତଦ୍ ଜନିତ ସମସ୍ୟା ଯୋଗୁଁ ନାଗରିକ ମାନେ ମୌଳିକ ସୁବିଧା ପାଇବାରେ ଭୋଗୁଥିବା ଅସୁବିଧା ନେଇ ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦକ୍ଷିଣାଂଚଳ ରାଜସ୍ୱ ଡିଭିଜନ ଆୟୁକ୍ତ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର , ଆଇଏଏସଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଯାଇ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା । ଏତଦ୍ ବ୍ୟତୀତ ସ୍ମାରକପତ୍ରରେ ବ୍ରହ୍ମପୁରରେ ପୋଲିସ କମିଶନରେଟ ବ୍ୟବସ୍ଥା ପ୍ରଚଳନ ନେଇ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଆରଡିସି ଙ୍କୁ କ୍ରିୟାନୁଷ୍ଠାନ କମିଟି ତରଫରୁ ଆଗ୍ରହ କରାଯାଇଥିଲା । ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବୀ ପତ୍ରକୁ ଆଧାର କରି ଆରଡିସି ଙ୍କ ତରଫରୁ ତାଙ୍କ ସଚିବ ବିରସେନ ପ୍ରଧାନ, ଓଏଏସ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଏକ ପତ୍ର ଲେଖିଛନ୍ତି । ମାନନୀୟ ଆରଡିସି ଚିଠି ନମ୍ବର ୬୨୧ ତା ୨୩/୬/୨୦୨୬ରେ ବୃହତ୍ ବ୍ରହ୍ମପୁର ମହାନଗର ନିଗମର ସୁଚାରୁରୂପେ ଦୈନନ୍ଦିନ କାର୍ଯ୍ୟ ଓ ଯୋଜନା କାର୍ଯ୍ୟକାରୀ ସକାଶେ ତୁରନ୍ତ ନିଗମରେ ଆବଶ୍ୟକୀୟ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି, ମହାନଗର ନିମନ୍ତେ ମ୍ୟାଚିଙ୍ଗ ଗ୍ରାଂଟ ଏଂ ଆର୍ଥିକ ଅନୁଦାନ ବୃଦ୍ଧି, ବ୍ରହ୍ମପୁରରେ ପୋଲିସ କମିଶନରେଟ ବ୍ୟବସ୍ଥା କାର୍ଯ୍ୟକାରୀ ତଥା ନାଗରିକଙ୍କ ମୌଳିକ ଅଧିକାର ଓ ସୁବିଧାକୁ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନେବା ନିମନ୍ତେ କ୍ରିୟାନୁଷ୍ଠାନ କମିଟି କରିଥିବା ଦାବୀ ଓ ଆବେଦନ ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହିତ ଏହାର ଅନୁମୋଦନ ଓ କାର୍ଯ୍ୟକାରିତା ନେଇ ପଦକ୍ଷେପ ନେବାକୁ ସୁପାରିଶ କରିଛନ୍ତି । ଏଠାରେ ସୂଚାନା ଯୋଗ୍ୟ ଯେ ଗତ ୧୩/୬/୨୦୨୬ରେ ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆରଡିସିଙ୍କୁ ପତ୍ର ଲେଖି ପ୍ରଶାସନରେ ଅଧିକାରୀ ଓ କର୍ମଚାରୀଙ୍କ ଅଭାବ, ଗୁରୁତ୍ୱପୂର୍ଣ୍ଣ, ପଦବୀ ଖାଲି ଓ ଅତିରିକ୍ତ ଦାୟିତ୍ୱରେ ଚାଲିଥିବା, ଫାଇଲ ଚଳାଚଳ ଓ ନାଗରିକ ସ୍ୱୋ ବାଧାପ୍ରାପ୍ତ, ବୃହତ ବିଏମସି ସମ୍ପ୍ରସାରଣ ଅଧିନରେ ବିକାଶ କାର୍ଯ୍ୟ ଧିମା, ଜନକଲ୍ୟାଣ ଯୋଜନା ଓ କାର୍ଯ୍ୟ ଠିକ୍ ସମୟରେ ଲୋକଙ୍କ ନିକଟରେ ପହଂଚାଇବା ଲକ୍ଷ୍ୟ ହାସଲ ନାହେଇପାରିବା ଆଦି ନେଇ ଅବଗତ କରାଯାଇଥିଲା । ସେହିପରି ମହାନଗର ନିଗମରେ ବର୍ଦ୍ଧିତ ଅଂଚଳ ନିମନ୍ତେ ପର୍ଯ୍ୟାପ୍ତ ଆଇଏଏସ ଓ ଓଏଏସ ଅଧିକାରୀ ଅବିଳମ୍ୱେ ନିଯୁକ୍ତି, ବୃହତ୍ ବିଏମସି ପାଇଁ ସରକାରଙ୍କ ମ୍ୟାଚିଙ୍ଗ ଗ୍ରାଂଟ ଓ ଆର୍ଥିକ ସହାୟତା ବୃଦ୍ଧି କରି ନାଗରିକ ଭିତିଭୂମି , ଡ୍ରେନେଜ , ପାନୀୟ ଜଳ, ରାସ୍ତା, ପରିମଳ ଓ ଜରୁରୀ ରିଲିଫ ପାଇଁ ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା କରି ନାଗରିକଙ୍କ ମୌଳିକ ଆବଶ୍ୟକତାର ପୂରଣରେ ସହାୟତା କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ରଖାଯାଇଥିଲା । ଅଧିକନ୍ତୁ ସୁରକ୍ଷା ଓ ବିନିଯୋଗ ଆତ୍ମବିଶ୍ୱାସ ନିମନ୍ତେ ବୃହତ୍ ବ୍ରହ୍ମପୁରକୁ ଉତ୍ସର୍ଗୀକୃତ ପୋଲିସ୍ ବ୍ୟବସ୍ଥାର ଆବଶ୍ୟକତା ଥିବାରୁ ତୁରନ୍ତ ବ୍ରହ୍ମପୁରରେ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ପଦକ୍ଷେପ ନେବା ନିମନ୍ତେ ଆରଡିସିଙ୍କ ଠାରେ ପ୍ରସ୍ତାବ ରଖାଯାଇଥିଲା । ଏଥିପୂର୍ବରୁ ବ୍ରହ୍ମପୁରରେ ପୋଲିସ କମିଶନରେଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବୀ ଉପରେ ମାନ୍ୟବର ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଶାସନ ସଚିବଙ୍କୁ ଚଠି ନମ୍ବର୍ ୨୬୬ ତା ୧୧/୩/୨୦୨୬ ରେ ବ୍ରହ୍ମପୁରରେ ପୋଲିସ କମିଶନରେଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ ସୁପାରିଶ କରିଥିଲେ ଯାହା ବର୍ତମାନ ମୁଖ୍ୟ ଶାସନ ସଚିବଙ୍କ ଠାରୁ ଗୃହ ସଚିବଙ୍କ ଦେଇ ପୋଲିସ ମହାନିର୍ଦ୍ଦେଶକଙ୍କ ଅନୁମୋଦନ ନିମନ୍ତେ ଯାଇଛି । ବ୍ରହ୍ମର ଭୂମି ବ୍ରହ୍ମପୁରକୁ ଏକ ବିକଶିତ, ସମୃଦ୍ଧଶାଳି, ଉନ୍ନତ ତଥା ଏକ ଶକ୍ତିଶାଳି ଆଦର୍ଶ ସହରରେ ପରିଣତ କରି ବିକଶିତ ଓଡ଼ିଶା ଗଠନରେ ସହାୟକ ହେବାକୁ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରି ଆରଡିସିଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ତତ୍ପରତା ପ୍ରକାଶ କରନ୍ତୁ ବୋଲି ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି ।

# ବିଇଏମ୍‌ସିରେ ପଶୁ କଲ୍ୟାଣ ସମୀକ୍ଷା ବୈଠକ

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍ ?ସି) ପକ୍ଷରୁ ସହରରେ ପଶୁ କଲ୍ୟାଣ, ପଶୁ ସୁରକ୍ଷା ଏବଂ ବୁଲା ପଶୁଙ୍କ ମାନବିକ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଶୁକ୍ରବାର ନିଗମର ମିନି କନଫରେନ୍ସ ହଲ୍ ?ରେ କମିଶନର ଶସ୍ୟା ରେଡ୍ଡୀଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ପଶୁ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗର ଅଗ୍ରଗତି ସମୀକ୍ଷା ସହ ଆଗାମୀ କାର୍ଯ୍ୟଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସହରରେ ମୃତ ଗୋରୁଗାଇଙ୍କୁ ସ୍ୱଚ୍ଛ, ସୁରକ୍ଷିତ ଓ ବୈଜ୍ଞାନିକ ପଦ୍ଧତିରେ ଦହନ କରିବା ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇଥିବା ସହ ଏହି କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ସୂଚନା ଦିଆଯାଇଥିଲା । ପଶୁ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରୁଥିବା ପଶୁଙ୍କୁ ଚିକିତ୍ସାଳୟ ପରିସରରେ ପୋତିବା ପରିବର୍ତ୍ତେ ଫାର୍ଷ୍ଟ



ଗେଟ୍ ?, ହଳଦିଆପଦର ଓ ଆମ୍ବପୁଆ ଅଂଚଳରେ ବିଇଏମ୍ସି ପକ୍ଷରୁ ତୁରନ୍ତ ଚିହ୍ନଟ କରାଯାଇ ଉକ୍ତ ସ୍ଥାନରେ ପରିବେଶ ଅନୁକୂଳ ଓ ବୈଜ୍ଞାନିକ ପଦ୍ଧତିରେ ପୋତିବାକୁ ନିଷ୍ପତି ନିଆଯାଇଛି । ବୁଲା କୁକୁରଙ୍କ ବନ୍ଧ୍ୟାକରଣ (ଷ୍ଟେରିଲାଇଜେସନ୍) କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ପାଇଁ ମାସିକ ସମୀକ୍ଷା ପରିବର୍ତ୍ତେ ପ୍ରତି ୧୫ ଦିନରେ ଅଗ୍ରଗତି ଯାଂଚ କରିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ । ବନ୍ଧ୍ୟାକରଣ ସହ ରେବିସ୍ ଟିକାକରଣ, ଅସ୍ତ୍ରୋପଚାର ପରବର୍ତୀ ଯତ୍ନ ଓ ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) ନିୟମାବଳୀ ଅନୁଯାୟୀ କୁକୁରମାନଙ୍କୁ ଯେଉଁ ସ୍ଥାନରୁ ଧରାଯାଇଥାଏ ସେହି ସ୍ଥାନରେ ପୁନର୍ବାର ଛାଡ଼ିବା ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ।ଅସ୍ତ୍ରୋପଚାର ପରେ ସୃଷ୍ଟି ହେଉଥିବା ଜୈବ ବର୍ଜ୍ୟ ଓ ଅଙ୍ଗପ୍ରତ୍ୟଙ୍ଗକୁ ପଶୁ ଚିକିତ୍ସାଳୟ ପରିସରରେ ପୋତିବା ପରିବର୍ତ୍ତେ ପ୍ରଚଳିତ ବାୟୋ-ମେଡିକାଲ ୱେଷ୍ଟ ମ୍ୟାନେଜମେଂଟ ନିୟମାବଳୀ ଅନୁଯାୟୀ ଅନୁମୋଦିତ ସଂସ୍ଥାକୁ ହସ୍ତାନ୍ତର କରିବାକୁ କମିଶନର ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ । ଏହାଦ୍ୱାରା ପରିବେଶ ସୁରକ୍ଷା ସହ ସ୍ୱାସ୍ଥ୍ୟଗତ ବିପଦକୁ ଏଡ଼ାଇବା ସମ୍ଭବ ହେବ ବୋଲି ମତ ପ୍ରକାଶ ପାଇଥିଲା । ରାସ୍ତାରେ ଦୁର୍ଘଟଣା କିମ୍ବା ଅନ୍ୟ କାରଣରୁ ଗୁରୁତର ଭାବେ ଆହତ ହେଉଥିବା ଗୋରୁଗାଇଙ୍କୁ ତୁରନ୍ତ ଉଦ୍ଧାର କରି ପଶୁ ଚିକିତ୍ସାଳୟକୁ ସ୍ଥାନାନ୍ତର, ସେଠାରେ ଚିକିତ୍ସା ପରେ ଗୋଶାଳାକୁ ହସ୍ତାନ୍ତର କରିବା ପାଇଁ ଏକ ସୁସଂଗଠିତ ବ୍ୟବସ୍ଥା କରିବାକୁ ନିଷ୍ପତି ହୋଇଥିଲା । ଏଥିପାଇଁ ଗୋଶାଳାରେ ସ୍ଥାୟୀ ଭାବେ ଜଣେ ପଶୁ ଚିକିତ୍ସକ ଓ ଜଣେ ପଶୁ ନିରୀକ୍ଷକଙ୍କୁ ନିଯୁକ୍ତ କରିବାକୁ ଜଗତସିଂହପୁର ସ୍ଥିତ ପିପୁଲ ଫର୍ ଆନିମାଲ୍ସ ସଂସ୍ଥାକୁ ବିଇଏମ୍ସି କମିଶନର ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପଶୁ କଲ୍ୟାଣ କ୍ଷେତ୍ରରେ ବିଇଏମ୍ ?ସି, ପଶୁ ସମ୍ପଦ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା କରି ସହରରେ ପଶୁ କଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଅଧିକ ଫଳପ୍ରଦ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକରେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, କର୍ପୋରେଟର ସଞ୍ଜିତ କୁମାର ପାଣିଗ୍ରାହୀ ଓ ଟି. କିଶୋର କୁମାର ପାତ୍ର, ସିଟି ପ୍ରାଣୀସମ୍ପଦ ଚିକିତ୍ସକ ଡ଼. ସତ୍ୟନାରାୟଣ କର, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡ଼. କିରଣ ବିଷୋୟୀ, ଜିଲ୍ଲା ଏସ୍ ?ପିସିଏ ସଦସ୍ୟ ଲଲାଟେନ୍ଦୁ ଚୌଧୁରୀ, ସୀତଳ ପୂର୍ଣ୍ଣିମା, ସୁଶାନ୍ତ ବେହେରାଙ୍କ ସମେତ ବିଇଏମ୍ସି, ଆଶ୍ରା (ଇଝଜଇ) ଓ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର କର୍ମକର୍ତା ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ପ୍ରଧାନ ଶିକ୍ଷୟତ୍ରୀଙ୍କ ସ୍ୱାମୀ ସାଜିଛନ୍ତି ବିଦ୍ୟାଳୟର ହର୍ତାକର୍ତା : 'ପାଠପଢ଼ା ଶୁନ, ହାକିମାତି ଅଧିକ'

ରାୟଗଡା (ନିପ୍ର) ରାୟଗଡ଼ା ଜିଲ୍ଲା ଶିକ୍ଷାକ୍ଷେତ୍ରରେ ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ବହୁତ ପଛରେ ଥିଲେ ସୁଦ୍ଧା ଶିକ୍ଷାବିଭାଗର ଉଦାସୀନତା ଓ କିଛି ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କ ମନୋମୁଖୀ କାର୍ଯ୍ୟ ହିଁ ଦାୟୀ ବୋଲି ସ୍ପଷ୍ଟ ବାରି ହୋଇ ପଡୁଛି । ଏଭଳି କିଛି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ସଦର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ରାଣିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ରେ । ଉକ୍ତ ବିଦ୍ୟାଳୟର ଅବ୍ୟବସ୍ଥା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଡେପୁଟେସନରେ ଆସିଥିବା ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ବିଦ୍ୟାଳୟ ପରିଚାଳନାରେ ଅନିୟମିତତା ଅଭିଯୋଗ ହୋଇଛି । ଏପରିକି ପ୍ରଧାଶିକ୍ଷୟିତ୍ରୀଙ୍କ ସ୍ୱାମୀ ନିଜ କାର୍ଯ୍ୟସ୍ଥଳ କୋଡ଼େଶୁ ପ୍ରାଥମିକ ବିଦ୍ୟାଳୟକୁ ନଯାଇ ତାଙ୍କ ଶିକ୍ଷୟତ୍ରୀ ସ୍ତ୍ରୀଙ୍କ ବିଦ୍ୟାଳୟରେ ସମୟ ବିତାଉଥିବା ଭଳି ଘଟଣାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି । ଉକ୍ତ ବିଦ୍ଯାଳୟରେ ତିନି ଜଣ ଶିକ୍ଷୟତ୍ରୀ ନିଯୁକ୍ତି ପାଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସ୍ୱାମୀ କାହିଁକି ସେଠାରେ ରହୁଛନ୍ତି ବୋଲି ଅଭିଭାବକ ମାନେ ପ୍ରଶ୍ନ କରିଛନ୍ତି । ପିଲାମାନଙ୍କ ଭବିଷ୍ୟତ ସହ ଖେଳ କରାଯାଉଛି । ବିଦ୍ୟାଳୟରେ ଶୃଙ୍ଖଳା ନାହିଁ, ପାଠପଢ଼ା ଠିକ୍ ଭାବରେ ହେଉନାହିଁ । ମଧ୍ୟାହ୍ନ ଭୋଜନ ମଧ ନିମ୍ନମାନର ଦିଆଯାଉଥିବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି । ଏନେଇ ଅଭିଯୋଗ କରିଥିଲେ ମଧ କୌଣସି ଶିକ୍ଷାବିଭାଗ ତରଫରୁ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ କାହିଁକି ବୋଲି ପ୍ରଶ୍ନ କରିଛନ୍ତି । ଅଭିଭାବକଙ୍କ ଅଭିଯୋଗ କେତେଦୂର ସତ୍ୟ, ତାହାର ତଦନ୍ତ କରିବା ଏବେ ଶିକ୍ଷା ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି । ଯଦି ଶୀଘ୍ର ପଦକ୍ଷେପ ନିଆଯିବ ନାହିଁ, ତେବେ ଏହି ବିଦ୍ୟାଳୟରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ



ହେବ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏ ନେଇ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀଙ୍କୁ ପଚାରିବାରୁ ସେ ଏ ନେଇ ଅବଗତ ନାହାଁନ୍ତି , ଏହାର ତଦନ୍ତ କରିବା ପରେ ର ନେଇ ସ୍ପଷ୍ଟୀକରଣ ଦେବେ ବୋଲି ସୁଚନା ଦେଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ପ୍ରାୟ ୪ କିମି ଦୂରରେ ଥିବା ଏହି ବିଦ୍ୟାଳୟରେ ଏଭଳି ଅନିୟମିତତା ଘଟିଥିବା ଘଟଣା କିଭଳି ଜିଲ୍ଲା ଶିକ୍ଷାଧିକାରୀ ଜାଣି ପାରି ନାହାଁନ୍ତି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏବେ ଦେଖିବାକୁ ବାକି ରହିଲା ଜିଲ୍ଲା ଶିକ୍ଷାଧିକାରୀ ଘଟଣାକୁ ନେଇ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।


AFFIDAVIT

By virtue of an Affidavit Sworn before the Notary Public Balasore on dated 17.07.2026. I, Gayadhara Dalei resident of At/Po: Bhimpur Ps: Sadar, Dist: Balasore, Pin-756021, declare that i have changed my name from Gaya Dalei to Gayadhara Dalei. Henceforth, I shall be known as Gayadhara Dalei for all porposes.

Sd/-
Gayadhara Dalei



AFFIDAVIT

By virtue of an Affidavit Sworn before the Executive Magistrate Bahanaga, Paikasta, Gopalpur, Balasore on dated 07.02.2026 I, Sukanth Sarangi age about 43 Years. Adhar Card No- 5792 3415 5407 S/o: Late Brindavan Sarangi At: Sathi, Po: Bahanaga, Ps: Khantapada, Dist: Balasopre, at present Aurobindo Society, 110, Gangadhara Chetty Road, Bangalore North, Bangaluru declare that I have changed my name from Sukanta Shadangi, S/o: Bamadeb Shadangi to Sukanth Sarangi S/o Late Brindavan Sarangi. Henceforth, I shall be known as Sukanth Sarangi S/o Late Brindavan Sarangi for all purposes.

Sd/-
Sukanth Sarangi

# ଡିଜିଟାଲ୍ ପ୍ଲାଟଫର୍ମରେ ହେବ ଜନଗଣନା ପ୍ରସ୍ତୁତି

ଭୁବନେଶ୍ୱର: ଜନଗଣନା-୨୦୨୭କୁ ଦୃଷ୍ଟିରେ ରଖି ଓଡ଼ିଶାରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ (ଡିସିଏଚ୍‌ବି) ପ୍ରସ୍ତୁତି ପାଇଁ ଆବଶ୍ୟକ ଗ୍ରାମ ଓ ସହର ନିର୍ଦ୍ଦେଶିକା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହରେ ସମସ୍ତ ବିଭାଗ ଓ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ପରିଷଦର ସିଡିଓ-ତଥା-ଇଓ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ)ମାନଙ୍କୁ ଚିଠି ଜାରି କରାଯାଇଛି । ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ସୂର୍ଯ୍ୟ ନାରାୟଣ ଦାଶ ଜାରି କରିଥିବା ଏହି ନିର୍ଦ୍ଦେଶରେ କୁହାଯାଇଛି ଯେ, ଭାରତ ସରକାରଙ୍କ ଜନଗଣନା ପରିଚାଳନା ଓ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକଙ୍କ ଅନୁରୋଧ କ୍ରମେ ଏହି ତଥ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେଉଛି । ତେଣୁ ଅଧୀନସ୍ଥ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ଏହି କାର୍ଯ୍ୟ ସମ୍ପର୍କରେ ସଚେତନ କରିବା ସହ ଜନଗଣନା କର୍ତ୍ତୃପକ୍ଷ ଆବଶ୍ୟକ ପଡ଼ିଲେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ କୁହାଯାଇଛି । ଜନଗଣନା ବିଭାଗ ସୂଚନା ଦେଇଛି ଯେ, ଡିଷ୍ଟ୍ରିକ୍ଟ ସେନ୍ସସ୍ ହ୍ୟାଣ୍ଡବୁକ୍ ହେଉଛି ଜନଗଣନାର ଏକ ପ୍ରମୁଖ ପ୍ରକାଶନ । ଏଥିରେ ପ୍ରତ୍ୟେକ ଗାଁ ଓ ସହର ସମ୍ବନ୍ଧୀୟ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କିଂ, ପରିବହନ, ଯୋଗାଯୋଗ, ପରିମଳ ବ୍ୟବସ୍ଥା, ନାଗରିକ ସୁବିଧା ଓ ଅନ୍ୟାନ୍ୟ ସାମାଜିକ-ଆର୍ଥିକ ସୂଚନା ସ୍ଥାନ ପାଇଥାଏ । ଏହି ତଥ୍ୟ ସରକାରୀ ଯୋଜନା ପ୍ରସ୍ତୁତି, ପ୍ରଶାସନିକ କାର୍ଯ୍ୟ, ଗବେଷଣା ଓ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଆଧାର ଭାବେ ବ୍ୟବହୃତ ହୁଏ ।

# ଜୁଲାଇରେ ୧୭ ପ୍ରତିଶତ ଅଧିକ ବର୍ଷା

ଭୁବନେଶ୍ୱର : ଜୁଲାଇ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୧୭% ଅଧିକ ବର୍ଷା ରେକର୍ଡ ହୋଇଛି । ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ



ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ବଲାଙ୍ଗିରରେ ଅଧିକ ବର୍ଷା ରେକର୍ଡ କରାଯାଇଛି । କିଛି ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସାପୁଆ ନଦୀରେ ବନ୍ୟା ଯୋଗୁଁ ମଧୁସୂଦନପାଟଣା ଓ କାକୁଡ଼ିଆ ଗାଁରେ ପାଣି ପଶିଛି । ସାପୁଆ ନଦୀରେ ପାଣି ବଢ଼ିଲେ ଢେଙ୍କାନାଳ ଓ ଆଠଗଡ଼ ପ୍ରଭାବିତ ହେବାର ଆଶଙ୍କା ରହିଛି । ବାଲେଶ୍ୱର ଜିଲ୍ଲା ମଥାନୀରେ ଜଳସ୍ତର ବିପଦ ସଙ୍କେତ ନିକଟତର ହେଉଛି । ଆସନ୍ତାକାଲି ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବଢ଼ିପାରେ ।








# ଚଣ୍ଡିଗଡ଼ର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଚଣ୍ଡିଗଡ଼ରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ରାସ୍ତା ଭିତିଭୂମି ସହିତ ଜଡିତ ୪,୭୦୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଦେଶକୁ ଉତ୍ସର୍ଗ କରିଛନ୍ତି । ଶୃଙ୍ଖଳିତ ଜାତୀୟ ପ୍ରଗତି ପାଇଁ ଏକ ଅନୁକରଣୀୟ ମଡେଲ ଭାବରେ ସହରର ଅନନ୍ୟ ସ୍ଥିତି ଉପରେ ଆଲୋକପାତ କରି, ସେ ଏକ ଉନ୍ନତ ଜୀବନଶୈଳୀ ଏବଂ ସହଜ ଜୀବନଯାପନ ସୁନିଶ୍ଚିତ କରିବା ପାଇଁ ଏହାର ଖ୍ୟାତି ଉପରେ ଗୁରୁତ୍ୱାରୋପ କଲେ । ଏହି ଅଂଚଳ ଉପରେ ମା’ ଚଣ୍ଡୀଙ୍କ ଦିବ୍ୟ କୃପାକୁ ସ୍ୱୀକାର କରି, ସେ ଏହାର ନିରନ୍ତର, ସଂରଚିତ ଅଭିବୃଦ୍ଧି ପ୍ରତି ଶାସକ ପ୍ରଶାସନର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ ଦେଲେ । “ଚଣ୍ଡିଗଡ଼ର ବିକାଶ ସର୍ବଦା ବର୍ତ୍ତମାନ ସରକାରଙ୍କର ସମ୍ପୂର୍ଣ୍ଣ ପ୍ରାଥମିକତା ହୋଇଆସିଛି,” ଶ୍ରୀ ମୋଦୀ ଦୃଢ଼ ଭାବରେ କହିଥିଲେ । ଦେଢ଼ ବର୍ଷ ପୂର୍ବେ କାର୍ଯ୍ୟକାରୀ ହୋଇଥିବା ଦେଶର ନ୍ୟାୟ ବ୍ୟବସ୍ଥାର ଐତିହାସିକ ଏବଂ ବ୍ୟାପକ ପରିବର୍ତ୍ତନକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଦଣ୍ଡମୂଳକ ଔପନିବେଶିକ ଆଇନରୁ ନ୍ୟାୟ-ଭିତିକ ଢାଂଚାକୁ ପରିବର୍ତ୍ତନକୁ ସୂଚାଇଥିଲେ । “ଭାରତୀୟ ନ୍ୟାୟ ସଂହିତାର କାର୍ଯ୍ୟାନ୍ୱୟନ ଚଣ୍ଡିଗଡ଼ରୁ ହିଁ ଆରମ୍ଭ ହୋଇଥିଲା,” ଶ୍ରୀ




ମୋଦୀ ମତ ଦେଇଥିଲେ । ସହରୀ ପରିଦୃଶ୍ୟକୁ ଆଧୁନିକୀକରଣ କରିବା ପାଇଁ କରାଯାଇଥିବା ଆର୍ଥିକ ନିବେଶ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର, ସ୍ମାର୍ଟ ଟ୍ରାଫିକ ପରିଚାଳନା ଏବଂ ଡିଜିଟାଲ୍ ଗଭର୍ଣ୍ଣାନ୍ସ ଭଳି ପରିବର୍ତ୍ତନକାରୀ ପଦକ୍ଷେପଗୁଡ଼ିକର ତାଲିକା ଦେଇଥିଲେ । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭିତିଭୂମି ପ୍ରକଳ୍ପର ଉଦଘାଟନ ପାଇଁ ବାସିନ୍ଦାଙ୍କୁ ଅଭିନନ୍ଦନ ଜଣାଇ, ସେ ଏହି ଭବିଷ୍ୟତ ଉନ୍ନୟନକୁ ଚାଳିତ କରୁଥିବା ବିପୁଳ ପୁଞ୍ଜି ପ୍ରବାହ ଉପରେ ଆଲୋକପାତ କରିଥିଲେ । “ସହରକୁ ହାଇ-ଟେକ୍ କରିବା ପାଇଁ ଏହି ମିଶନରେ ଅଢ଼େଇ ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇଛି,” ଶ୍ରୀ ମୋଦି ଉଲ୍ଲେଖ କରିଛନ୍ତି । ଆଂଚଳିକ ଉନ୍ନତି ପାଇଁ ଉତ୍ସର୍ଗୀକୃତ ତାଙ୍କର ବ୍ୟାପକ ଦୈନିକ ଯାତ୍ରା ତାଲିକା ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀ ହରିୟାଣାର ଜିନ୍ଦରେ ତାଙ୍କର ପୂର୍ବ ଯୋଗଦାନ ଏବଂ ପଞ୍ଜାବର ଜଳନ୍ଧର ଗସ୍ତ ବିଷୟରେ ଉଲ୍ଲେଖ କରିଛନ୍ତି । ସେ ତାଙ୍କର ବର୍ତ୍ତମାନର ରହଣିକୁ ପଡ଼ୋଶୀ ରାଜ୍ୟଗୁଡ଼ିକୁ ସୁଗମ ଭାବରେ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ଏବଂ ପ୍ରଶାସନିକ ସେତୁ ଭାବରେ ପ୍ରସ୍ତୁତ କରିଛନ୍ତି । “ଆମର ଚଣ୍ଡୀଗଡ଼ ପ୍ରଭାବଶାଳୀ ଭାବରେ ହରିୟାଣା ଏବଂ ପଞ୍ଜାବ ଉଭୟକୁ ସଂଯୋଗ କରୁଛି,” ଶ୍ରୀ ମୋଦି ମନ୍ତବ୍ୟ ଦେଇଛନ୍ତି । ସ୍ଥାନୀୟ ସହରାଂଚଳ ବିକାଶର ବ୍ୟାପକ ଆଂଚଳିକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ବ୍ୟାଖ୍ୟା କରିଛନ୍ତି ଯେ କିପରି ସହରରେ ଉନ୍ନତି ସିଧାସଳଖ ହିମାଚଳ ପ୍ରଦେଶ ଏବଂ ଜମ୍ମୁ ଏବଂ କାଶ୍ମୀରର ପଡ଼ୋଶୀ ଜନସଂଖ୍ୟା ପାଇଁ ଜୀବନର ଗୁଣବତା ବୃଦ୍ଧି କରେ । ସେ ଆଂଚଳିକ ସ୍ୱାସ୍ଥ୍ୟସେବା ପ୍ରଦାନରେ ସହରର ଅପରିହାର୍ଯ୍ୟ ଏବଂ କେନ୍ଦ୍ରୀୟ ଭୂମିକା ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ । “ଚିକିତ୍ସା ସେବା ପାଇଁ, ଚଣ୍ଡୀଗଡ଼ ଏହି ସମଗ୍ର ଅଂଚଳରେ ଏକ ମେଗା ହବ୍,” ଶ୍ରୀ ମୋଦି ମତ ଦେଇଛନ୍ତି । ସ୍ଥାନୀୟ ଚିକିତ୍ସା ପ୍ରତିଷ୍ଠାନରେ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧାର ପ୍ରମୁଖ ବିସ୍ତାର ଘୋଷଣା କରି ପ୍ରଧାନମନ୍ତ୍ରୀ ଏକ ନ୍ୟୁରୋସାଇନ୍ସ ସେଂଟର, ଏକ ମା’ ଏବଂ ଶିଶୁ କେନ୍ଦ୍ର ଏବଂ ଏକ କ୍ରିଟିକାଲ୍ କେୟାର୍ ହସ୍ପିଟାଲ୍ ବ୍ଲକ୍ ସମେତ ଗୁରୁତ୍ୱପୂର୍ଣ୍ଣ ନୂତନ ଯୋଡି ପ୍ରଦାନ କରିଛନ୍ତି । “ଏହି ପ୍ରକଳ୍ପଗୁଡ଼ିକ ଲକ୍ଷ ଲକ୍ଷ ଲୋକଙ୍କୁ ଆହୁରି ଉନ୍ନତ ଚିକିତ୍ସା ସୁବିଧା ଯୋଗାଇବ,” ଶ୍ରୀ ମୋଦି ଦୃଢ଼ ଭାବରେ କହିଛନ୍ତି । ୨୦୧୫ ମସିହାରେ ପ୍ରତିଷ୍ଠାନର ସମାବର୍ତ୍ତନ ଉତ୍ସବରେ ତାଙ୍କର ପୂର୍ବ ଗସ୍ତକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଗତ ଦଶନ୍ଧି ମଧ୍ୟରେ ହାସଲ କରାଯାଇଥିବା ଅସାଧାରଣ କ୍ଷମତା ନିର୍ମାଣକୁ ପ୍ରଶଂସା କରିଥିଲେ । ସେ ଏହି ପ୍ରଗତିକୁ ନିରନ୍ତର ଭାବରେ ଆଗେଇ ନେଉଥିବା ପ୍ରଶାସନିକ ଦଳ, ଶିକ୍ଷାଗତ କର୍ମଚାରୀ ଏବଂ ଡାକ୍ତରୀ ଅଭ୍ୟାସକାରୀଙ୍କୁ ତାଙ୍କର ହୃଦୟସ୍ପର୍ଶୀ ଶୁଭକାମନା ଜଣାଇଥିଲେ । “ମୁଁ ଏଠାରେ ପ୍ରଫେସର ଏବଂ ଯୁବ ଡାକ୍ତରମାନଙ୍କୁ ଅନୁଷ୍ଠାନର କ୍ଷମତା ବିସ୍ତାର କରିବା ପାଇଁ ଗଭୀର ଭାବରେ ପ୍ରଶଂସା କରୁଛି,” ଶ୍ରୀ ମୋଦି ମନ୍ତବ୍ୟ ଦେଇଥିଲେ ।

# ଏମ୍ସ ଭୁବନେଶ୍ୱରର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର : ଏମ୍ସ ଭୁବନେଶ୍ୱର ଆସନ୍ତାକାଲି (ଶନିବାର) ଦିନ ଏହାର ଷଷ୍ଠ ସମାବର୍ତ୍ତନ ସମାରୋହ ପାଳନ କରିବ । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ପୂର୍ବାହ୍ନ ୧୦ ଘଟିକାରେ ଆରମ୍ଭ ହେବାକୁ ଥିବା ଏହି ଉତ୍ସବ ଅବସରରେ, ଶ୍ରୀମତୀ ପଟେଲ କୃତୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ । ଏନେଇ ସୂଚନା ପ୍ରଦାନ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଡ. ଆଶୁତୋଷ ବିଶ୍ୱାସ । ଏହି ସମାବର୍ତ୍ତନ ଉତ୍ସବରେ ମୋଟ ୬୮୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ସ୍ନାତକ ବ୍ୟାଚରେ ୧୯୨ ଜଣ ଏମ୍‌ବିବିଏସ ଛାତ୍ରଛାତ୍ରୀ, ୧୬୩ ଜଣ ଏମ୍ଡି/ଏମ୍‌ଏସ, ୬୦ ଜଣ ଡିଏମ୍/ଏମ୍ସିଏଚ୍, ୧୭ ଜଣ ପୋଷ୍ଟ-ଡକ୍ଟରାଲ୍ ଫେଲୋ (ପିଡିଏଫ୍), ୪ ଜଣ ପିଏଚ୍‌ଡି ସ୍କଲାର, ୧୩୪ ଜଣ ବିଏସ୍ସି (ଅନର୍ସ) ନର୍ସିଂ ଛାତ୍ରଛାତ୍ରୀ, ୭୫ ଜଣ ବିଏସ୍ସି (ଅନର୍ସ) ପାରାମେଡିକାଲ୍ ଏବଂ ୩୯ ଜଣ ଏମଏସ୍ସି ନର୍ସିଂ ଛାତ୍ରଛାତ୍ରୀ ଅଛନ୍ତି । ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ ପାଇଁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ ଟି ସ୍ୱର୍ଣ୍ଣ ପଦକ



ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ ଏବଂ ଭୁବନେଶ୍ୱର ସାଂସଦ (ଲୋକସଭା), ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେବା ନେଇ ସୂଚନା ଦେଇଛନ୍ତି ଡ. ବିଶ୍ୱାସ । ଏନେଇ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଦିଲ୍ଲୀପ କୁମାର ପରିଡ଼ା (ଡିନ୍, ଏକାଡେମିକ୍), ଡ. ମନସ୍ୱିନୀ ମଙ୍ଗରାଜ (ଡିନ୍, ପରୀକ୍ଷା), ଡ. ବୈଜୟନ୍ତୀମାଳା ମିଶ୍ର (ଡିନ୍, ଗବେଷଣା), ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ (ମେଡିକାଲ୍ ଅଧୀକ୍ଷକ), ଡ. ସୁଦୀପ୍ତ ରଞ୍ଜନ ସିଂହ (କୁଳସଚିବ), ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର (ଡିଡିଏ), ଡ. ମନୋଜ କୁମାର ମହାନ୍ତି, ଡ. ସଞ୍ଜୟ କୁମାର ଗିରି, ଡ. ସୌଭାଗ୍ୟ କୁମାର ଜେନା ଏବଂ ଡ. ବି. ବି. ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ । ଉନ୍ନତ ରୋଗୀ ସେବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି, ଏମ୍ସ ଭୁବନେଶ୍ୱର ସମ୍ପ୍ରତି ଶିଶୁ ଶଲ୍ୟଚିକିତ୍ସା (ପେଡିଆଟ୍ରିକ୍ସ ସର୍ଜରୀ) ବିଭାଗ ଅଧୀନରେ ଏକ ଉତ୍ସର୍ଗୀକୃତ ନବଜାତ ଶଲ୍ୟଚିକିତ୍ସା ୟୁନିଟ୍ (ନିଓନାଟାଲ୍ ସର୍ଜିକାଲ୍) ଆଇସିୟୁ ପ୍ରତିଷ୍ଠା କରାଯିବା ନେଇ ସୂଚନା ଦେଇଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ।

# ମୁମ୍ବାଇର ଖାରଘରଠାରେ ରଥଯାତ୍ରାର ଭବ୍ୟ ଆୟୋଜିତ

ନଭିମୁମ୍ବାଇ : ନଭି ମୁମ୍ବାଇର ଖାରଘରଠାରେ ଅବସ୍ଥିତ ଏକମାତ୍ର ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ରଥଯାତ୍ରା ପର୍ବ ପାଳନ କରାଯାଇଛି । ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଙ୍ଘ (ମୋଓ୍ୱା) ଦ୍ୱାରା ଆୟୋଜିତ ଏହି ଭବ୍ୟ ମହୋତ୍ସବକୁ କେନ୍ଦ୍ର କରି ସମଗ୍ର ଖାରଘର ଇଲାକା ଜଗନ୍ନାଥମୟ ହୋଇଉଠିଥିବା ଦେଖାଯାଇଥିଲା । ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପୁରା ପରିବେଶ ମୁଖରିତ ହେବା ସଙ୍ଗକୁ ମନ୍ତ୍ରର ସୁମଧୁର ନାଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିବା ଲକ୍ଷ୍ୟ କରାଯାଇଥିଲା । ବଡ଼ି ଭୋରରୁ ମନ୍ଦିର ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସାମ୍ନାରେ ମଙ୍ଗଳ ଆଳତି ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଦୁଇପହରରେ ଚାରି ଠାକୁରଙ୍କୁ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସାମ୍ନାରେ ଦଣ୍ଡାୟମାନ ସୁସଜ୍ଜିତ ରଥ





ଉପରକୁ ନିଆଯାଇଥିଲା । ରାଜକୀୟ ଠାଣିରେ କୋଟି ବ୍ରହ୍ମାଣ୍ଡର ମହାନାୟକ ଶ୍ରୀ ଜଗନ୍ନାଥ, ତାଙ୍କର ଜ୍ୟେଷ୍ଠ ଭ୍ରାତା ଶ୍ରୀ ବଳଭଦ୍ର, କନିଷ୍ଠ ଭଗ୍ନୀ ଦେବୀ ସୁଭଦ୍ରା ଏବଂ ପ୍ରଭୁ ସୁଦର୍ଶନଙ୍କର ରଥାରୂଢ଼ ହେବାର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା । ଏହା ଭକ୍ତ ଓ ଭଗବାନଙ୍କର ମିଳନର ଅନନ୍ୟ ଓ ଅପୂର୍ବ ସୁଯୋଗ ଥିଲା । ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଂଘର ସଭାପତି ଏବଂ ଟ୍ରଷ୍ଟି ତଥା ମୁଖ୍ୟ ସେବକ ଡକ୍ଟର ଭଗବାନ ପଣ୍ଡା ରଥ ଉପରେ ସୁବର୍ଣ୍ଣ ଝାଡୁରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ । ଏହାପରେ ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଉପସ୍ଥିତ ଦଶହଜାର ଓଡ଼ିଆ ଓ ଅଣଓଡ଼ିଆ ଶ୍ରଦ୍ଧାଳୁ ଯେଉଁ ଅସୀମ ଉତ୍ସାହ, ଅଜସ୍ର ଉଲ୍ଲାସ ଓ ଅଦମ୍ୟ ଉଦ୍ଦୀପନା ସହିତ ରଥଟିକୁ ଟାଣି ଟାଣି ନେଉଥିଲେ, ତାହାର ଦୃଶ୍ୟ ଅଭୂତପୂର୍ବ ଥିଲା । ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନାର ଏହା ଏକ ନିଆରା ଦୃଷ୍ଟାନ୍ତ ବନିଥିଲା । ସନ୍ଧ୍ୟା ସମୟରେ ରଥ ଗୁଣ୍ଡିଚା ମନ୍ଦିର ସାମ୍ନାରେ ପହଂଚିଥିଲା । ଏଠାରେ ରୋଷଣୀ କରାଯାଇ ଚାରି ଠାକୁରଙ୍କୁ ରଥ ଉପରୁ ମନ୍ଦିର ମଧ୍ୟକୁ ନିଆଯାଇ ସେଠାକାର ଆଡ଼ପ ମଣ୍ଡପରେ ଆସୀନ କରାଯାଇଥିଲା ।

# ରାୟପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ

ରାୟପୁର : ଏଠାକାର ଗାୟତ୍ରୀ ନଗର ସ୍ଥିତ ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିରଠାରେ ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି । ମନ୍ଦିରରେ ବଡ଼ି ଭୋରରୁ ବିଶେଷ ପୂଜାର୍ଚ୍ଚନା କରାଯିବା ପରେ ଦିଅଁମାନଙ୍କୁ ରକ୍ତଚନ୍ଦନ, କେଶର, ଗୋଚରଣ, କସ୍ତୁରୀ ଏବଂ କର୍ପୂର ଦ୍ୱାରା ସ୍ନାନ କରାଯାଇ ଗଜାମୁଗ ଭୋଗ ଅର୍ପଣ କରାଯାଇଥିଲା । ଚଳିତ ବର୍ଷ ଏଠାରେ ରାୟପୁର ଓ ଏହାର ଆଖପାଖ ଇଲାକାରୁ ଆସିଥିବା ପ୍ରାୟ ଲକ୍ଷାଧିକ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତଙ୍କର ଭାରି ଭିଡ଼ ପରିଲକ୍ଷିତ ହୋଇଥିଲା । ଭକ୍ତ ଓ ଭଗବାନଙ୍କର ମହାମିଳନର ଏହି ମହାନ ପର୍ବକୁ କେନ୍ଦ୍ର କରି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦୀପନା ଦେଖାଯାଇଥିଲା । ହୋମ ଯଜ୍ଞ ପରେ ଦିନ ୧୧ଟା ୪୫ ମିନିଟ୍ ସମୟରେ ମନ୍ଦିର ସାମ୍ନାର ବଡ଼ଦାଣ୍ଡରେ ଦଣ୍ଡାୟମାନ





ତିନୋଟି ରଙ୍ଗାରଙ୍ଗ ରଥ ଉପରକୁ ଠାକୁରମାନଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତା’ପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ଜଗତରନାଥ ଶ୍ରୀ ଜଗନ୍ନାଥଙ୍କୁ ସାହି ରୋଷଣୀ କରାଯାଇ ତିନି ରଥ ଉପରକୁ ନିଆଯାଇଥିଲା । ଉପସ୍ଥିତ ସେବାୟତ ଓ ଦର୍ଶକମାନଙ୍କ ଦ୍ୱାରା ଶଙ୍ଖ, ଘଂଟ, କରତାଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହଗହ ନାଦ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା । ମନ୍ଦିର ପରିଚାଳନା କମିଟି ଶ୍ରୀ ଜଗନ୍ନାଥ ମନ୍ଦିର ସେବା ସମିତିର ସଭାପତି ତଥା ସ୍ଥାନୀୟ ବିଧାୟକ ପୁରନ୍ଦର ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ଭିଡ଼କୁ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ବ୍ୟାପକ ମାତ୍ରାରେ ପ୍ରସାଦ ବଂଟନର ବ୍ୟବସ୍ଥା ସ୍ୱେଚ୍ଛାସେବକ ମାନଙ୍କ ଦ୍ୱାରା କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛତିଶଗଡ଼ର ରାଜ୍ୟପାଳ ରମେନ ଡେକା ରଥଗୁଡ଼ିକ ସାମ୍ନାରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ତାଙ୍କୁ ସହଯୋଗ କରିଥିଲେ ।

# ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍ ଦଳ ଏଏଫ୍‌ସି ଏସୀୟ କପ୍ କ୍ୱାଲିଫାୟର୍ସ ଅଭିଯାନ ଆରମ୍ଭ କରିବ

କୁଆଲାଲୁମ୍ପୁର: ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍ ଦଳ




ତା’ର ଏଏଫ୍‌ସି ଏସୀୟ କପ୍ କ୍ୱାଲିଫାୟର୍ସ ଅଭିଯାନ ଇରାକ ବିପକ୍ଷରୁ ଆରମ୍ଭ କରିବ । ଅକ୍ଟୋବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ କୁଆଲାଲୁମ୍ପୁରଠାରେ ଖେଳାଯିବାକୁଥିବା ଏହି ପ୍ରତିଯୋଗିତା ଲାଗି ଗୁରୁବାର ଏସୀୟ ଫୁଟ୍‌ବଲ୍ ମହାସଂଘ (ଏଏଫ୍‌ସି) ସୂଚୀ ଘୋଷଣା କରିଛି । ଭାରତ ଗ୍ରୁପ୍-ଇ’ରେ ଇରାକ, ମାଲେସିଆଓ ସିରିୟା ସହ ରହିଛି । ଇରାକ ବିପକ୍ଷ ମ୍ୟାଚ୍ ପରେ ସିରିୟା ଓ ମାଲେସିଆ ବିପକ୍ଷରେ ଖେଳିବ ଭାରତ । ଏହି ଗ୍ରୁପ୍ ବିଜେତା ଦଳ ଆସନ୍ତା ବର୍ଷ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୧୭ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ସୁଝେରେ ହେବାକୁ ଥିବା ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ଲାଗି ଯୋଗ୍ୟତା ଅର୍ଜନ କରିବ । ଗତ ସଂସ୍କରଣ ଏସୀୟ କପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟରେ ପହଂଚି ଇତିହାସ ରଚିଥିଲା । ପୁଣି ଥରେ ଏସୀୟ କପ୍‌କୁ ଯୋଗ୍ୟତା ଅର୍ଜନ କରିବାର ଲକ୍ଷ୍ୟ ରଖିଛି ଭାରତ । କ୍ୱାଲିଫାୟର୍ସରେ ୮ ଗ୍ରୁପ୍‌ର ଶୀର୍ଷ ଦଳ ୧୧ତମ ଏସୀୟ କପ୍‌ରେ ଗତ ସଂସ୍କରଣ ୪ ଦଳ ସହ ଯୋଗଦେବେ । ଏସୀୟ କପ୍‌ର ୪ ସେମିଫାଇନାଲିଷ୍ଟ ଆସନ୍ତା ବର୍ଷ ମରକକ୍କୋରେ ହେବାକୁ ଥିବା ଫିଫଶ ୧୭ ବର୍ଷରୁ କମ୍ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବ ।

# ଜାପାନ ଓପନ୍ ବ୍ୟାଡ୍‌ମିଂଟନ ସେମିରେ ପିଭି ସିନ୍ଧୁ

ନୂଆଦିଲ୍ଲୀ: ଚଳିତ ଜାପାନ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଂଟନ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତୀୟ ମହିଳା ତାରକା ଖେଳାଳି



ପିଭି ସିନ୍ଧୁ ସହଜରେ ସ୍ଥାନ ପକ୍କା କରି ନେଇଛନ୍ତି । ଶୁକ୍ରବାର ପୂର୍ବତନ ବିଶ୍ୱ ବିଜୟିନୀ ସ୍ଥାନୀୟ ଖେଳାଳି ନୋଜୋମି ଓକୁହାରାଙ୍କ ବିପକ୍ଷରେ ତାଙ୍କର ମ୍ୟାଚ୍ ଥିଲା । ହେଲେ ଏହି ଜାପନୀ ଖେଳାଳି ଆହତ ଜନିତ କାରଣ ଯୋଗୁଁ ଓହରି ଯିବାରୁ ଦୁଇ ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ୱାକ୍‌ଓଭର ପାଇ ଡେନ୍‌ମାର୍କ ଓପନ୍ ୨୦୨୩ ପରେ ପ୍ରଥମ ସୁପର ୭୫୦ର ସେମିଫାଇନାଲ୍ ଏବଂ ଚଳିତ ଋତୁର ତୃତୀୟ ସେମିଫାଇନାଲ୍‌ରେ ପହଂଚିଥିଲେ । ଏଥିସହ ସିନ୍ଧୁ ମାନ୍ୟତାର ଗୋଟିଏ ସ୍ଥାନ ଉଠି ନବମରେ ପହଂଚିଛନ୍ତି । ଶନିବାର ସେମିଫାଇନାଲ୍‌ରେ ସେ ପୂର୍ବତନ ଅଲିମ୍ପିକ୍ ବିଜୟିନୀ ବିଶ୍ୱର ୪ ନମ୍ବର ଚୀନ୍ ଖେଳାଳି ଚେନ୍ ୟୁଫେଇଙ୍କୁ ଭେଟିବେ । କ୍ୱାର୍ଟରଫାଇନାଲ୍‌ରେ ୟୁଫେଇ ୨୧-୧୦, ୨୧-୧୨ରେ ଦକ୍ଷିଣ କୋରିଆର ସିମ୍ ୟୁନ୍ ଜିନ୍‌ଙ୍କୁ ପରାସ୍ତ କରିଥିଲେ । ୟୁଫେଇଙ୍କ ବିପକ୍ଷରେ ସିନ୍ଧୁଙ୍କ ବିଜୟ ବ୍ୟବଧାନ ୬-୮ ରହିଛି । ତାଙ୍କୁ ଭେଟିଥିବା ଶେଷ ୫ ମ୍ୟାଚ୍‌ରେ ସିନ୍ଧୁ ହାରିଛନ୍ତି । ଶନିବାର ଏହି ଧାରା ଭାଙ୍ଗି ସିନ୍ଧୁ ପ୍ରାୟ ୩ ବର୍ଷ ପରେ ସୁପର ୭୫୦ ଟ୍ରଫି ତୋଳିଧରିବାର ଆଶା ରଖିଛନ୍ତି ।

# ମହିଳା ହକି ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ ସଲିମା ଅଧିନାୟିକା, ଓଡ଼ିଶାରୁ କେବଳ ସୁନେଲିତା

ନୂଆଦିଲ୍ଲୀ : ଆଗାମୀ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଲାଗି ଶୁକ୍ରବାର ହକି ଇଣ୍ଡିଆ ୨୦ ଜଣିଆ ଦଳ ଘୋଷଣା କରିଛି । ଏହି ଦଳର ନେତୃତ୍ୱ ଭାର ମିଡ୍‌ଫିଲ୍ଡର ସଲିମା ଟେଟେଙ୍କୁ ମିଳିଛି । ଦଳରେ ଏକ ମାତ୍ର ଓଡ଼ିଆ ଖେଳାଳି ଭାବେ ସୁନେଲିତା ଟୋପ୍ପୋ ସ୍ଥାନ ପାଇଛନ୍ତି । ବେଙ୍ଗାଲୁରୁରେ ଚାଲିଥିବା ଜାତୀୟ ଶିବିରରୁ ଏହି ଚୂଡ଼ାନ୍ତ ଦଳ ବଛାଯାଇଛି । ଗତମାସରେ ନ୍ୟୁଜିଲାଣ୍ଡରେ ଆୟୋଜିତ ନେସନ୍ସ କପ୍‌ରେ ଭାରତ ଅପରାଜେୟ ରହି ଟ୍ରଫି ଜିତିଥିଲା । ଏହି ଧାରା ବିଶ୍ୱକପ୍‌ରେ ରଖିବା ଲାଗି ମୁଖ୍ୟପ୍ରଶିକ୍ଷକ ଜୋଏର୍ଡ ମାରିନ୍ ଆଶା ରଖିଛନ୍ତି । ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ବିଶ୍ୱକପ୍‌କୁ ନେଦରଲାଣ୍ଡସ ଓ ବେଲ୍‌ଜିୟମ୍ ମିଳିତ ଭାବେ ଆୟୋଜନ କରୁଛନ୍ତି । ଏଥିରେ ଭାରତ ପୁଲ୍-ଡି’ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ରହିଛି । ଭାରତ ତା’ର ସମସ୍ତ ପୁଲ୍ ମ୍ୟାଚ୍ ନେଦରଲାଣ୍ଡସର ଆମ୍‌ଷ୍ଟଲଭିନସ୍ଥିତ



ୱାଗେନର ହକି ଷ୍ଟାଡିୟମ୍‌ରେ ଖେଳିବ । ଅଗଷ୍ଟ ୧୬ରେ ଚୀନ୍ ବିପକ୍ଷରେ ଅଭିଯାନ ଆରମ୍ଭ କରିବା ପରେ ଭାରତ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ୨୦ରେ ଇଂଲଣ୍ଡ ବିପକ୍ଷରେ ଖେଳି ପୁଲ୍ ପର୍ଯ୍ୟାୟ ଶେଷ କରିବ । ଭାରତୀୟ ମହିଳା ହକି ଦଳ: ଗୋଲି-ସବିତା, ବିଚୁ ଦେବୀ ଖାରିବାମ୍, ଡିଫେଣ୍ଡର-ଇଶିକା ଚୌଧୁରୀ, ସୁଶିଳା ଚାନୁ ପୁଖ୍ରାମ୍ବାମ୍, ଲାଲଥାନ୍ତଲୁଆଙ୍ଗୀ, ଜ୍ୟୋତି, ଶିଲ୍ପୀ ଦାବାସ, ମିଡ୍‌ଫିଲ୍‌ଡର-ନିକ୍କି ପ୍ରଧାନ, ସାକ୍ଷୀ ରାଣା, ସୁନେଲିତା ଟୋପ୍ପୋ, ସଲିମା ଟେଟେ (ଅଧିନାୟିକା), ନେହା, ଦୀପିକା ସୋରେଙ୍ଗ, ଫରୱାର୍ଡ-ଲାଲରେମସିଆମି, ଋତୁଜା ଦାଦାସାଓ ପିସାଲ, ନବନୀତ କୌର, ଇଶିକା, ବଳଜିତ କୌର, ବିଉଟି ଡୁଙ୍ଗଡୁଙ୍ଗ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**